ଆଜି - ଶନିବାର
ତାରିଖ - ୨୧ ଫେବୃଆରୀ ୨୦୨୬
ମାସ - କୁମ୍ଭ, ଦିନ - ୦୯
ତିଥି - ଚତୁର୍ଥୀ, ପକ୍ଷ - ଶୁକ୍ଳ
ନକ୍ଷତ୍ର - ରେବତୀ, ମୀନ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୬ : ୧୭ : ୦୦
ସୂର୍ଯ୍ୟାସ୍ତ - ୫ : ୪୫ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ନିଜର ପଡ଼ୋଶୀମାନଙ୍କୁ ନିଜ ଭଳି ଭଲପାଅ, କାରଣ ତୁମେ ନିଜେ ହିଁ ତୁମର ପଡ଼ୋଶୀ। ତୁମର ପଡ଼ୋଶୀ ତୁମେ ନିଜେ ନୁହେଁ, ଅନ୍ୟ କେହି ବୋଲି ଭାବିବା ତୁମର ଭ୍ରମ।"
- ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

E-mail: ajikalibls@gmail.com
E-News : www.theajikali.com

Vol.- 40 ISSUE- 310 R.N.I. REGD. No. 44026/86 ବାଲେଶ୍ୱର ୨୧ ଫେବୃଆରୀ ୨୦୨୬ ଶନିବାର BALASORE 21 FEBRUARY 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

# ୨୦୨୬-୨୭ ବର୍ଷ ପାଇଁ ୩ଲକ୍ଷ ୧୦ ହଜାର କୋଟିର ବଜେଟ୍ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଉପସ୍ଥାପିତ ହୋଇଛି ବଜେଟ୍ ୨୦୨୬-୨୭ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବଜେଟ୍ ଉପସ୍ଥାପନ କରିଥିବାବେଳେ ଏଥରକ ୩ ଲକ୍ଷ ୧୦ ହଜାର କୋଟିର ବଜେଟ୍ ଉପସ୍ଥାପିତ ହୋଇଛି । ବଜେଟ୍ ଉପସ୍ଥାପନ ପରେ ପ୍ରେସମିଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି କି, ଏହି ବଜେଟରେ ସବୁ ବର୍ଗର ଜନସାଧାରଣଙ୍କ ସ୍ୱପ୍ନ, ଆଶା ଓ ଆକାଂକ୍ଷା ପୂରଣ କରିବା ସହ ରାଜ୍ୟକୁ ବିକାଶର ଗତିପଥରେ ତ୍ୱରିତ ବେଗରେ ଅଗ୍ରସର କରାଇବା ଦିଗରେ ସହାୟକ ହେବ । ଏହି ବଜେଟ୍ କେବଳ ଆଗାମୀ ବର୍ଷର ଆୟ-ବ୍ୟୟର ହିସାବ ନୁହେଁ; ଏହା ଏକ ସମୃଦ୍ଧ, ସଶକ୍ତ ଏବଂ ସମାବେଶୀ ଓଡ଼ିଶା ଗଠନ ଦିଗରେ ଏକ ସୁଦୃଢ଼ ଓ ନିର୍ଣ୍ଣାୟକ ପଦକ୍ଷେପ ଅଟେ । ଗତବର୍ଷ ଜୁନ ମାସରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ଭିଜନ ୨୦୩୬ ଓ ୨୦୪୭ ଆମ ପାଇଁ ଏକ ପଥପ୍ରଦର୍ଶକ ଓ ଦୀପଶିଖା ସଦୃଶ ଅଟେ । ଏହି ଭିଜନକୁ ସାକାର କରିବା ପାଇଁ ଆମେ ଭିତିଭୂମି ବିକାଶ, ପୁଞ୍ଜି ନିବେଶ, ନଗର ଉନ୍ନୟନ, ବନ୍ଦର ଭିତିକ ବିକାଶ, ଶିଳ୍ପାୟନ, ଏବଂ କୃଷି ଓ ଜଳସେଚନ ଭଳି କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେଇ ଏହି ବଜେଟ୍ ପ୍ରସ୍ତୁତ କରିଛୁ । ଏହାସହିତ, ଶିକ୍ଷା, ସ୍ୱାସ୍ଥ୍ୟସେବା, ସାମାଜିକ ସୁରକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ସର୍ବାଙ୍ଗୀନ ବିକାଶ, ତଥା ମହିଳା ଓ ଶିଶୁ କଲ୍ୟାଣକୁ ବିଶେଷ ଗୁରୁତ୍ୱ ଦେବା ସହିତ ସୁଦକ୍ଷ ଜନସେବା ମାଧ୍ୟମରେ ଓଡ଼ିଶାବାସୀଙ୍କ ସାମଗ୍ରିକ ଉନ୍ନତି ପାଇଁ ଆମ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରତିଶ୍ରୁତିବଦ୍ଧ । ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କା ବଜେଟ୍ ଅଟକଳ ହୋଇଅଛି, ଯାହାକି ବିଗତ ବର୍ଷର ବଜେଟ୍ ଅଟକଳ ଠାରୁ ପ୍ରାୟ ୨୦ ହଜାର କୋଟି ଟଙ୍କା ଅଧିକ ଅଟେ । ଏହି ବଜେଟ୍ ଅଟକଳ ମଧ୍ୟରୁ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ପ୍ରସ୍ତାବିତ କାର୍ଯ୍ୟକ୍ରମ ବ୍ୟୟ (ଚକ୍ସ୍କଶକ୍ସବଙ୍କଞ୍ଚର ରଙ୍ଘକ୍ସରଭ-ୟସକ୍ସଙ୍କକ୍ସର) ମୋଟ ବଜେଟ୍ ଅଟକଳର ୫୮ ପ୍ରତିଶତ ଅଟେ । ଚଳିତ ବଜେଟରେ ଆକଳନ କରାଯାଇଥିବା ୭୨ ହଜାର ୧୦୦ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଅଟକଳ, ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ (ଏଝଡଚ)ର ୬.୫ ପ୍ରତିଶତ ଏବଂ ସମୁଦାୟ ବଜେଟର ୨୩.୩ ପ୍ରତିଶତ, ଯାହାକି ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମାନଙ୍କ ମଧ୍ୟରେ ସର୍ବାଧିକ । ମଧୁବାବୁ ପେନସନ ଯୋଜନା ଏବଂ ଘଝଇଚ ଯୋଜନାରେ ୫୭ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ବର୍ଦ୍ଧିତ ହାରାରେ ସାମାଜିକ ନିରାପତା ଭତା ପ୍ରଦାନ କରାଯାଉଛି । ମାତ୍ର, ଦୁଃଖର ସହିତ କହିବାକୁ ପଡୁଛି ଯେ ଆଜି ମଧ ରାଜ୍ୟରେ ୬ ଲକ୍ଷରୁ ଅଧିକ ଯୋଗ୍ୟ ବ୍ୟକ୍ତି ସାମାଜିକ ସୁରକ୍ଷା ପେନ୍ସନରୁ ବଂଚିତ ଅଛନ୍ତି । ଏହା ରାଜ୍ୟର ବୃଦ୍ଧ ଓ ଅସହାୟ ନାଗରିକମାନଙ୍କ ପ୍ରତି ଏକ ଅନ୍ୟାୟ । ପୂର୍ବତନ ସରକାର ଏହି ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନେଇନଥିଲେ । ଆପଣମାନେ ଜାଣି ଖୁସି ହେବେ ଯେ, ଆମ ସରକାର ଏହାର ସମାଧାନ ପାଇଁ "ମଧୁବାବୁ ପେନ୍ସନ ଯୋଜନା" ଅଧୀନରେ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଶ୍ଵବଶ୍ବଙ୍କ-କ୍ସବଶ୍ବସକ୍ଟଭ ମୋଡ୍ରେ ଅନ୍ତର୍ଭୁକ୍ତ କରିବା ପାଇଁ ନୀତିଗତ ନିଷ୍ପତି ନେଇଛନ୍ତି । ଆମେ ତୁରନ୍ତ ବାଦ ପଡ଼ିଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ସାମାଜିକ ସୁରକ୍ଷା ପେନସନ ପ୍ରଦାନ କରିବୁ । ଆମ ସରକାର ମହିଳା ମାନଙ୍କ ମର୍ଯ୍ୟାଦା ଓ ସଶକ୍ତିକରଣ ଏବଂ ଶିଶୁ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ, ଏବଂ ଚଳିତ ବର୍ଷର ବଜେଟ୍ରେ ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ୧୬,୧୫୨ କୋଟି ଟଙ୍କା ଏବଂ ମିଶନ ଶକ୍ତି କ୍ଷେତ୍ରରେ ୨୮୦୪ କୋଟି ଟଙ୍କା ଦିଆଯିବା ସହିତ ଅନେକ ପରିବର୍ତନକାରୀ ପଦକ୍ଷେପ ମାଧ୍ୟମରେ ଆମର ଦୃଢ ସଂକଳ୍ପ ପ୍ରତିଫଳିତ ହୋଇଛି । ମହିଳା ସଶକ୍ତିକରଣ ଅଧୀନରେ ଆମ ସରକାରଙ୍କ ଏକ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଝିଅ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷା ସମାପ୍ତ କରିବା । ଏହି ଉଦ୍ଦେଶ୍ୟ ପାଇଁ, 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ' ନାମରେ ଏକ ନୂତନ ଯୋଜନା ଆରମ୍ଭ କରିବାକୁ ପ୍ରସ୍ତାବ ଦେଉଛି, ଯାହା ଆର୍ଥିକ ଦୁର୍ବଳ ବର୍ଗର ପରିବାରରେ ଜନ୍ମ ହୋଇଥିବା ଝିଅଙ୍କ ନାମରେ ୨୦ ହଜାର ଟଙ୍କାର ଏକ ସଂଚୟ ଉପକରଣ ସୃଷ୍ଟି କରାଯିବ ।

## ଓଡ଼ିଶା ବଜେଟକୁ ସ୍ୱାଗତ କଲେ ପ୍ରଧାନମନ୍ତ୍ରୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଅର୍ପଣ କରୁଛନ୍ତି । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ବିଧାନ ସଭାରେ ବଜେଟ ଆଗତ କରିଥିଲେ । ଓଡ଼ିଶାର ଶିକ୍ଷା, ଦକ୍ଷତା, ଶିଳ୍ପ, କୃଷି, ପର୍ଯ୍ୟଟନ ଓ ଆନୁଷଙ୍ଗିକ ଭିତିଭୂମିର ଏହା ଦ୍ୱାରା ବିକାଶ ହେବା ସହ ଏହା ସବୁ ବର୍ଗର ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବ । ଗାଁରୁ ସହର ପ୍ରତ୍ୟେକ କ୍ଷେତ୍ରର ହେବ ବିକାଶ

## ରାଜ୍ୟ ବଜେଟ: ୨୦୨୬-୨୭

### ୩ ଲକ୍ଷ ୧୦ ହଜାର କୋଟିର ବଜେଟ୍

- ସୁଭଦ୍ରା ଯୋଜନା- ୧୦ ହଜାର ୧୪୫ କୋଟି
- ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା- ୬୩୦୯ କୋଟି
- ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନାର ଶୁଭାରମ୍ଭ
- ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ- ୫ ହଜାର ୮ କୋଟି
- ମୁଖ୍ୟମନ୍ତ୍ରୀ ସ୍ମାର୍ଟ ଯୋଜନା- ୧୦୦ କୋଟି
- ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ଯୋଜନା- ୭୩୨ କୋଟି
- ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା- ୬୩୫ କୋଟି
- ଶ୍ରୀଅନ୍ନ ଯୋଜନା- ୪୦୦ କୋଟି ଟଙ୍କା
- ପର୍ଯ୍ୟଟନ ଭିତ୍ତିଭୂମି ବିକାଶ- ୫୦୦ କୋଟି
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ- ୧୦୧୦ କୋଟି
- ସମୃଦ୍ଧ କୃଷକ ଯୋଜନା- ୬୦୮ କୋଟି
- ଅମୃତ ପ୍ରକଳ୍ପ ଯୋଜନା- ୯୧୬ କୋଟି

# 'ବିକଶିତ ଓଡ଼ିଶା' ପାଇଁ କଲ୍ୟାଣକାରୀ ଓ ଦୂରଦର୍ଶୀ ବଜେଟ: ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର: ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ବିଧାନସଭାରେ ପ୍ରାୟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପିତ କରିଥିବାରୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି, ଚଳିତ ବଜେଟ୍ 'ବିକଶିତ ଓଡ଼ିଶା' ପାଇଁ କଲ୍ୟାଣକାରୀ ଓ ଦୂରଦର୍ଶୀ ବଜେଟ୍ । ଏହା ଓଡ଼ିଶାର ଶିକ୍ଷା, ଦକ୍ଷତା, ଶିଳ୍ପ, କୃଷି ଓ ପର୍ଯ୍ୟଟନ ଭିତିଭୂମିର ବିକାଶ ସହ ସବୁ ବର୍ଗର ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବ । ବଜେଟରେ ଡବଲ ଇଞ୍ଜିନ ସରକାରର ବିକାଶମୂଳକ ଦୂରଦୃଷ୍ଟିର ପ୍ରତିଫଳନ ହୋଇଛି । ଚଳିତ ବଜେଟରୁ ରାଜ୍ୟର ଗରିବ, ଚାଷୀ, ମହିଳା, ଯୁବ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ବଂଚିତ ବର୍ଗର ଲୋକମାନେ ବିଶେଷ ଭାବେ ଉପକୃତ ହେବେ । ସାମାଜିକ ସୁରକ୍ଷା ସୁନିଶ୍ଚିତ ହେବ । ଗାଁରୁ ସହର ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରର ବିକାଶ ହେବ । ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା, ଖାଦ୍ୟ ସୁରକ୍ଷା, କ୍ରୀଡ଼ା, ସାମାଜିକ ଓ ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶାର ଭବିଷ୍ୟତକୁ ସୁଦୃଢ଼ କରିବ । ଚଳିତ ବଜେଟରେ ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡା ଜିଲ୍ଲାରେ ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା, ପାରାଦୀପ ଓ ବଲାଙ୍ଗୀରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ୍, ଚିପିଲିମାରେ ପଶୁଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ ଏବଂ ସମ୍ବଲପୁର ଓ ବ୍ରହ୍ମପୁରରେ ୨୭୮ କୋଟି ଟଙ୍କା ବିନିଯୋଗରେ 'ବିଶ୍ୱ ଦକ୍ଷତା କେନ୍ଦ୍ର'ର ଦୁଇଟି ନୂତନ କ୍ୟାମ୍ପସ ପ୍ରତିଷ୍ଠା କରିବା ପାଇଁ ଘୋଷଣା ହୋଇଛି । ଏସସିବି, ଭିମସାର ଓ ଏମକେସିଜି ମେଡିକାଲର ପୁନଃର୍ବିକାଶ ସହ ନୟାଗଡ଼ ଓ ଖୋର୍ଦ୍ଧା ଠାରେ ଫାର୍ମା ଓ ମେଡଟେକ୍ ପାର୍କ ସହ ଓଡ଼ିଶା ବାୟୋଟେକ୍ନୋଲୋଜି ରିସର୍ଚ୍ଚ ସେ[ର ପ୍ରତିଷ୍ଠା କରାଯିବ । ଭିସୁଟ, ବୁର୍ଲା ଏବଂ ଓୟୁଟିଆରକୁ ବିଶ୍ୱସ୍ତରୀୟ ବୈଷୟିକ ବିଦ୍ୟାଳୟରେ ରୂପାନ୍ତରିତ କରାଯିବା ସହ ଓଡ଼ିଶା ରାଜ୍ୟ ଇନୋଭେସନ ମିଶନ ଯୁବପିଢ଼ିଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ । ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ମଡେଲରେ ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର, ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଏବଂ ଜୟପୁର-କୋରାପୁଟ-ସୁନାବେଡାକୁ ସ୍ୱତନ୍ତ୍ର ଅର୍ଥନୈତିକ କ୍ଲଷ୍ଟର ଭାବେ ବିକଶିତ କରାଯିବ । ବୁର୍ଲା ରିଙ୍ଗ୍ ରୋଡ୍ ନିର୍ମାଣ ସହ ଜମାଦରପାଲିରେ ଏୟାରଷ୍ଟ୍ରିପକୁ ବିମାନବନ୍ଦରରେ ବିକଶିତ କରାଯିବା ସମ୍ବଲପୁରର ଗମନାଗମନ ଓ ଯୋଗାଯୋଗ ଭିତିଭୂମିକୁ ସୁଦୃଢ଼ କରିବ ।

# ସ୍ୱତନ୍ତ୍ର ଅର୍ଥନୈତିକ ଜୋନରେ ମାଛ ଧରା ପାଇଁ ପ୍ରବେଶ ପାସ୍‌ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂହ



ନୂଆଦିଲ୍ଲୀ: ମାନ୍ୟବର କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଏବଂ ଡାଏରୀ ତଥା ପଂଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଫେବୃଆରୀ ୨୦ ତାରିଖରେ ଗୁଜୁରାଟର ଭେରାଭାଲର କେସିସି ଗ୍ରାଉଣ୍ଡରେ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ (ଇଇଜେଡ) ରେ ମାଛ ଧରିବା ପାଇଁ ପ୍ରବେଶ ପାସର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଏମଓଏଫଏଏଚଡି ଏବଂ ପଂଚାୟତି ରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସପି ସିଂହ ବାଘେଲ, ଏମଓଏଫଏଏଚଡି ଏବଂ ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜର୍ଜ କୁରିଏନ୍, ମତ୍ସ୍ୟ ବିଭାଗ କେନ୍ଦ୍ର ସଚିବ ଡକ୍ଟର ଅଭିଲକ୍ଷ୍ୟ ଲେଖି ଏବଂ ଗୁଜରାଟ ସରକାରଙ୍କ ଅତିରିକ୍ତ ମୁଖ୍ୟ ସଚିବ (କୃଷି, କୃଷକ କଲ୍ୟାଣ ଏବଂ ସମବାୟ ବିଭାଗ) ଅରୁଣକୁମାର ସୋଲାଙ୍କି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଉପକୂଳବର୍ତୀ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳରୁ ୨୪ଟି ମତ୍ସ୍ୟ ସମବାୟ ସମିତିର ପ୍ରତିନିଧିମାନେ ଯୋଗ ଦେଇଥିଲେ, ୨,୦୦୦ ରୁ ଅଧିକ ଅଂଶଗ୍ରହଣକାରୀଙ୍କ ସହିତ ଏବଂ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ, ମତ୍ସ୍ୟ ସମବାୟ ସମିତି ତଥା ଏଫଏଫପିଓ ଗୁଡ଼ିକ ୫୦୦ ରୁ ଅଧିକ ସ୍ଥାନରୁ ଅନଲାଇନ ମାଧ୍ୟମରେ ସାମିଲ୍ ହୋଇଥିଲେ । ଉଦ୍ଘାଟନ ସମୟରେ, ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଏଫଏଏଚଡି ଶ୍ରୀ ସିଂହ ଭାରତର ସମସ୍ତ ଉପକୂଳବର୍ତୀ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳରୁ ୨୪ଟି ମତ୍ସ୍ୟ ସମବାୟ ସମିତିର ପ୍ରତିନିଧିତ୍ୱ କରୁଥିବା ୩୭ ଜଣ ମତ୍ସ୍ୟଜୀବୀଙ୍କୁ ଇଇଜେଡ ରେ ମାଛ ଧରିବା ପାଇଁ ପ୍ରବେଶ ପାସ୍ ପ୍ରଦାନ କରିଥିଲେ । ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଏଫଏଏଚଡି ଶ୍ରୀ ସିଂହ ମତ୍ସ୍ୟଜୀବୀଙ୍କୁ ସୁରକ୍ଷା କିଟ୍ ମଧ ବଂଟନ କରିଥିଲେ, ଯେଉଁଥିରେ ଲାଇଫ୍ ଜ୍ୟାକେଟ୍, ହାଇ-ବିମ୍ ଟର୍ଚ୍ଚ ଏବଂ ଜିପିଏସ୍ ଡିଭାଇସ୍ ଅନ୍ତର୍ଭୁକ୍ତ ଥିଲା ଯାହା ସେମାନଙ୍କୁ ସମୁଦ୍ର କୂଳରେ ମତ୍ସ୍ୟ କାର୍ଯ୍ୟକଳାପକୁ ସୁରକ୍ଷିତ ଭାବରେ ନେଭିଗେଟ୍ କରିବା ପାଇଁ ସଶକ୍ତ କରିଥିଲା, ଏହା ପରେ ଗୁଜରାଟରେ ନବଗଠିତ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ୨ ଲକ୍ଷ ଟଙ୍କା ଅନୁଦାନ ବଂଟନ କରାଯାଇଥିଲା । ଆକ୍ସେସ ପାସର ଶୁଭାରମ୍ଭ ଭାରତର ଇଇଜେଡ୍ ପାଇଁ ଏକ ଆଧୁନିକ, ସ୍ଥାୟୀ ଏବଂ ମତ୍ସ୍ୟଜୀବୀ-କୈନ୍ଦ୍ରିକ ଶାସନ ଢାଂଚା କାର୍ଯ୍ୟକାରୀ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ, ଯାହାର ଲକ୍ଷ୍ୟ ସମୁଦ୍ର କୂଳରେ ମାଛ ଧରିବା, ମତ୍ସ୍ୟଜୀବୀଙ୍କ ଆୟ ବୃଦ୍ଧି କରିବା, ସାମୁଦ୍ରିକ ସମ୍ପଦର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ଏକ ସ୍ଥିର ତଥା ସମନ୍ୱିତ ନୀଳ ଅର୍ଥନୀତିର ଜାତୀୟ ଦୃଷ୍ଟି କୋଣକୁ ଆଗକୁ ବଢାଇବା । ମାନ୍ୟବର କେନ୍ଦ୍ର ମନ୍ତ୍ରୀ, ଏଫଏଏଚଡି ଏବଂ ପଂଚାୟତିରାଜ ମନ୍ତ୍ରୀ, ରାଜୀବ ରଞ୍ଜନ ସିଂହ ତାଙ୍କ ଭାଷଣରେ ଆଲୋକପାତ କରିଥିଲେ ଯେ ମତ୍ସ୍ୟଜୀବୀ ସଂଘ, ସମବାୟ, ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ଏବଂ ବୈଜ୍ଞାନିକ ପ୍ରତିଷ୍ଠାନ ସହିତ ବ୍ୟାପକ ପରାମର୍ଶ ପରେ ଇଇଜେଡ୍ ଢାଂଚା ପ୍ରସ୍ତୁତ କରା ଯାଇ ଥିଲା, ଯାହା ଏକ ସ୍ୱଚ୍ଛ, ଅନ୍ତର୍ଭୁକ୍ତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ବ୍ୟବସ୍ଥା ସୁନିଶ୍ଚିତ କରିଥାଏ ।

# ଆସାମର ନାଥୁନପୁରରେ 'ଭାଇବ୍ରାଂଟ ଭିଲେଜ୍ ପ୍ରୋଗ୍ରାମ୍-୨'କୁ ଉଦ୍ଘାଟନ କଲେ ଅମିତ ଶାହ




ନୂଆଦିଲ୍ଲୀ: କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ, ଆଜି ଆସାମର ନାଥନପୁର ଗ୍ରାମରେ ୬,୮୩୯ କୋଟି ଟଙ୍କା ବ୍ୟୟରେ ଭାଇବ୍ରାଂଟ ଭିଲେଜ୍ ପ୍ରୋଗ୍ରାମ୍-୨ (ଭିଭିପି-୨)ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ, ଆସାମ ମୁଖ୍ୟମନ୍ତ୍ରୀ ଡକ୍ଟର ହିମନ୍ତ ବିଶ୍ୱ ଶର୍ମା, କେନ୍ଦ୍ର ଗୃହ ସଚିବ ଏବଂ ଅନେକ ସମ୍ମାନିତ ବ୍ୟକ୍ତି ଉପସ୍ଥିତ ଥିଲେ । ଶ୍ରୀ ଅମିତ ଶାହ କହିଥିଲେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଆରମ୍ଭ ହୋଇଥିବା ଭାଇବ୍ରା[ ଭିଲେଜ୍ ପ୍ରୋଗ୍ରାମ୍-୨ ମାଧ୍ୟମରେ ଭାରତର ଅନ୍ୟ ଗ୍ରାମ ପରି ଆସାମର ସୀମାନ୍ତ ଜିଲ୍ଲାଗୁଡ଼ିକରେ ସମାନ ସୁବିଧା ଯୋଗାଇବା ପାଇଁ ଏକ ପଦକ୍ଷେପ ନେଇଛନ୍ତି ଏବଂ ପ୍ରୟାସ କରିଛନ୍ତି । ସେ କହିଛନ୍ତି ଯେ ଗୋଟିଏ ସମୟ ଥିଲା ଯେତେବେଳେ ସୀମାନ୍ତ ଗ୍ରାମଗୁଡ଼ିକୁ ଦେଶର 'ଶେଷ ଗ୍ରାମ' ଭାବରେ ଅଭିହିତ କରାଯାଉଥିଲା କାରଣ ଏଗୁଡ଼ିକ ବିକାଶ, ନିଯୁକ୍ତି, ବିଦ୍ୟୁତ ସଂଯୋଗ ଏବଂ ଶିକ୍ଷାରେ ପଛରେ ଥିଲେ । ଶ୍ରୀ ଶାହ କହିଛନ୍ତି ଯେ ଭାଇବ୍ରାଂଟ ଗ୍ରାମ-୧ ଅନ୍ତର୍ଗତ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନିଷ୍ପତି ନେଇଥିଲେ ଯେ ସୀମାନ୍ତରେ ଥିବା ପ୍ରତ୍ୟେକ ଗ୍ରାମ ଶେଷ ନୁହେଁ ବରଂ ଭାରତର ପ୍ରଥମ ଗ୍ରାମ । ସେ କହିଛନ୍ତି ଯେ ଆଜିଠାରୁ, ଆସାମର ଏହି ଗ୍ରାମ ମଧ ଦେଶର ପ୍ରଥମ ଗ୍ରାମ ହେବ । ସେ କହିଛନ୍ତି ଯେ ଏହି ଗାଁ କେବଳ ବିକାଶ କ୍ଷେତ୍ରରେ ନୁହେଁ ବରଂ ନିଯୁକ୍ତି, ଶିକ୍ଷା, ରାସ୍ତା ଏବଂ ଯୋଗାଯୋଗ କ୍ଷେତ୍ରରେ ମଧ ନେତୃତ୍ୱ ନେବ । ଶ୍ରୀ ଅମିତ ଶାହ କହିଛନ୍ତି ଯେ ଭାଇବ୍ରା[ ଭିଲେଜ୍ ପ୍ରୋଗ୍ରାମ୍ -୨ ଅଧୀନରେ ପ୍ରାୟ ୬,୯୦୦କୋଟି ଟଙ୍କା ଖର୍ଚ୍ଚ କରାଯାଉଛି, ଯେଉଁଥିରେ ୧୭ ଟି ରାଜ୍ୟର ୩୩୪ ଟି ବ୍ଲକରେ ୧,୯୫୪ ଟି ଗ୍ରାମ ଅନ୍ତର୍ଭୁକ୍ତ, ଯେଉଁଥିରେ ୯ ଟି ଜିଲ୍ଲା, ୨୬ ଟି ବ୍ଲକ ଏବଂ ଆସାମର ୧୪୦ ଟି ଗ୍ରାମ ଅନ୍ତର୍ଭୁକ୍ତ । ସେ କହିଛନ୍ତି ଯେ ଭାରତର ଅନ୍ୟ ଯେକୌଣସି ଗ୍ରାମରେ ଉପଲବ୍ଧ ସମସ୍ତ ମୌଳିକ ସୁବିଧା, ଆସାମର ଏହି ୧୪୦ ଟି ଗ୍ରାମକୁ ଯୋଗାଇ ଦିଆଯିବ । ଏହି କାର୍ଯ୍ୟକ୍ରମରେ ଅରୁଣାଚଳ ପ୍ରଦେଶ, ବିହାର, ଗୁଜରାଟ, ଜମ୍ମୁ ଏବଂ କାଶ୍ମୀର, ଲଦାଖ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପଞ୍ଜାବ, ରାଜସ୍ଥାନ, ସିକିମ, ତ୍ରିପୁରା, ଉତରାଖଣ୍ଡ, ଉତର ପ୍ରଦେଶ ଏବଂ ପଶ୍ଚିମବଙ୍ଗର ଗ୍ରାମ ମଧ ଅନ୍ତର୍ଭୁକ୍ତ । ଶ୍ରୀ ଅମିତ ଶାହ କହିଛନ୍ତି ଯେ ଅନ୍ତର୍ଜାତୀୟ ସୀମା ସଂଲଗ୍ନ ୩୩୪ ଟି ବ୍ଲକରେ ପ୍ରାୟ ୨,୦୦୦ ଟି ଗ୍ରାମର ବିକାଶ ପାଇଁ ପ୍ରାୟ ୭,୦୦୦ କୋଟି ଟଙ୍କାର ଏକ କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ କରାଯାଉଛି । ସେ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ସୁରକ୍ଷା, କଲ୍ୟାଣ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ସଂଯୋଗୀକରଣ ସହିତ ଜଡିତ ଅନେକ ଯୋଜନା ଅନ୍ତର୍ଭୁକ୍ତ । ଶ୍ରୀ ଅମିତ ଶାହ କହିଛନ୍ତି ଯେ ପୂର୍ବ ସରକାରମାନେ ବର୍ଷ ବର୍ଷ ଧରି ଆସାମରେ ଶାସନ କରିଥିଲେ କିନ୍ତୁ ରାଜ୍ୟର ବିକାଶ ପାଇଁ କିଛି କରିନଥିଲେ । ସେ କହିଥିଲେ ଯେ ଆମ ସରକାରଙ୍କ ଶାସନର ଗତ ୧୦ ବର୍ଷରେ, ଆମେ ଏପରି ସଫଳତା ହାସଲ କରିଛୁ ଯାହା ପୂର୍ବ ସରକାରଗୁଡ଼ିକ ୫୦ ବର୍ଷରେ ମଧ ହାସଲ କରିପାରିନଥିଲେ ।



# ଫକୀରମୋହନ ବିଶ୍ୱବିଦ୍ୟାଳୟର ସାମାଜିକ କାର୍ଯ୍ୟ ବିଭାଗର ଗ୍ରାମୀଣ ଶିବିର "ସିଦ୍ଧାନ୍ତ ଓ ପ୍ରାୟୋଗିକ ମହାସଂଗମ" ଆରମ୍ଭ

ବାଲେଶ୍ୱର(ନି.ପ୍ର.) ଫକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତର ସାମାଜିକ କାର୍ଯ୍ୟ ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା "ସିଦ୍ଧାନ୍ତ ଓ ପ୍ରାୟୋଗିକ ମହାସଂଗମ" ନାମକ ଗ୍ରାମୀଣ ଶିବିର ବାବନ୍ଧ ଗ୍ରାମ, ସିଆଡିମେଳ ପଂଚାୟତ ଅନ୍ତର୍ଗତ କୁମ୍ଭକ୍ଷେତ୍ରରେ ଆରମ୍ଭ ହୋଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ନିର୍ଦ୍ଦେଶନାରେ ଆୟୋଜିତ ଏହି ଶିବିର ୧୯ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖରେ ସମାପ୍ତ ହେବ । ସାମାଜିକ କାର୍ଯ୍ୟ ବିଭାଗର ସଂଯୋଜିକା ଡ଼କ୍ଟର ଗ୍ରେସ ବାହାଲେନ ମୁଣ୍ଡ୍ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଗ୍ରାମୀଣ ଶିବିରରେ ୨୧ ଜଣ ଛାତ୍ରଛାତ୍ରୀ ଯୋଗଦେଇଛନ୍ତି ।



ସାମାଜିକ କାର୍ଯ୍ୟ ବିଭାଗର ସହାୟକ ଅଧ୍ୟାପିକା ରଶ୍ମିରେଖା ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଅଳଙ୍କାର ଜୁଏଲରର ନିର୍ଦ୍ଦେଶିକା ଶ୍ରୀମତୀ ଦର୍ଶନା ସାଗଭୀ ମୁଖ୍ୟ ଅତିଥି ଭାବେ, ଶିଳ୍ପୀ କେଶୁ ଦାସ ମୁଖ୍ୟ ବକ୍ତା ଭାବେ ଓ ସ୍ଥାନୀୟ ପୂର୍ବତନ ସରପଂଚ ଶ୍ରୀ ପତିତପାବନ ସିଂ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଗ୍ରାମୀଣ ଉନ୍ନତିରେ ଶିକ୍ଷାନୁଷ୍ଠାନମାନଙ୍କ ଭୂମିକା ସମ୍ବନ୍ଧରେ ନିଜ ମୂଲ୍ୟବାନ ମତାମତ ପ୍ରକାଶ କରିଥିଲେ । ବିଭାଗର ସହାୟକ ଅଧ୍ୟାପିକା ସୁପ୍ରିୟା ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ ଏହି ପ୍ରଶିକ୍ଷଣ ଶିବିର ମାଧ୍ୟମରେ ଛାତ୍ରଛାତ୍ରୀମାନେ କେମିତି ପ୍ରାୟୋଗିକ ଜ୍ଞାନ ଅର୍ଜନ କରିବେ, ସେଥିପାଇଁ ଆଲୋକପାତ କରିଥିଲେ । ସୂଚନାନୁସାରେ, କୁମ୍ଭକ୍ଷେତ୍ର ସମେତ ଚାରିଟି ଗ୍ରାମର ଗ୍ରାମବାସୀଙ୍କ ଜୀବନଜୀବିକା, ସ୍ୱାସ୍ଥ୍ୟ, ଶିକ୍ଷା, ଲୋକକଳା, ସାହିତ୍ୟ ଓ ସ୍ଥାପତ୍ୟ ଆଦି ବିଭିନ୍ନ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରାଯାଇ ସେଗୁଡ଼ିକର ବିବରଣୀ ପ୍ରସ୍ତୁତ କରାଯିବ । ଅଂଶଗ୍ରହଣ ମୂଳକ ଗ୍ରାମୀଣ ଅଧ୍ୟୟନ ପ୍ରକ୍ରିୟା ମାଧ୍ୟମରେ ଗ୍ରାମବାସୀଙ୍କ ସମସ୍ୟା, ସମ୍ବଳ ଓ ଦୈନନ୍ଦିନ ଜୀବନଶୈଳୀ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରାଯିବ ।ପ୍ରତ୍ୟେକ ଛାତ୍ରଛାତ୍ରୀ ଗୋଟିଏ ଦିନ ସମ୍ପୂର୍ଣ୍ଣ ଭାବେ ଗ୍ରାମବାସୀଙ୍କ ସହ ଅତିବାହିତ କରି ସେମାନଙ୍କ ରୀତିନୀତି, ପରମ୍ପରା ଓ ଖାଦ୍ୟପାନୀୟ ସମ୍ବନ୍ଧରେ ପ୍ରତ୍ୟକ୍ଷ ଅନୁଭବ ଅର୍ଜନ କରିବେ । ଏହା ସହିତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟମାନଙ୍କ ସହ ଆଲୋଚନା ଓ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ ଆଦି କାର୍ଯ୍ୟକ୍ରମ ସଂଯୋଜିତ ହୋଇଛି । ଉଦଘାଟନୀ କାର୍ଯ୍ୟକ୍ରମକୁ ଛାତ୍ରୀ ବିଷ୍ଣୁପ୍ରିୟା ସାହୁ ସଂଯୋଜନା କରିଥିବାବେଳେ ଛାତ୍ରୀ ରୋଶନୀ ଦତ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ମନୋଜ ରାଉତ ଟାଉନ,ବସନ୍ତ ପଣ୍ଡା ସଦର ବ୍ଲକ ବିଜେଡି ସଭାପତି

ବାଲେଶ୍ୱର(ନି.ପ୍ର.) ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ ସଭାପତି ଓ ନଗର ସଭାପତିଙ୍କ ନାମ ଘୋଷଣା କରାଯାଇଛି । ଏହି ଅବସରରେ ବାଲେଶ୍ୱର ପୌରପରିଷଦର ପୂର୍ବତନ ଉପ ନଗରପାଳ ମନୋଜ କୁମାର ରାଉତଙ୍କୁ ବାଲେଶ୍ୱର ଟାଉନ ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବସନ୍ତ ପଣ୍ଡାଙ୍କୁ ପୁଣି ଥରେ ସଦର ବ୍ଲକ ବିଜୁ ଜନତା ଦଳର ସଭାପତି ଭାବେ ନିଯୁକ୍ତି ମିଳିଛି ।ଏମାନଙ୍କ କଠିନ ପରିଶ୍ରମ ଓ ଦୃଢ ସଙ୍ଗଠନ ଦ୍ୱାରା ବାଲେଶ୍ୱର ଜିଲ୍ଲାରେ ବିଜୁ ଜନତା ଦଳ ଆହୁରି ସୁଦୃଢ ହେବ ବୋଲି ସଦରର ପୂର୍ବତନ ବିଧାୟକ ସ୍ୱରୂପ



ଦାସ ଆଶା ପ୍ରକାଶ କରିଥିବା ବେଳେ ଏହି ନିଯୁକ୍ତି ପାଇଁ ଉଭୟ ରାଉତ ଏବଂ ପଣ୍ଡା ଦଳର ସୁପ୍ରିମ ନବୀନ ପଟ୍ଟନାୟକ,ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କୁ ଧନ୍ୟବାଦ ଜଣାଇବା ସହ ସଦର ନିର୍ବାଚନ ମଣ୍ଡଳୀର ସମସ୍ତ କର୍ମୀ ମାନଙ୍କ ସହଯୋଗ କାମନା କରିଛନ୍ତି ।ଏହି ଅବସରରେ ନବ ନିଯୁକ୍ତ ଦୁଇ ସଭାପତିଙ୍କୁ ଦଳର କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି ।

# ଗରସଙ୍ଗରେ ନୂତନ ବିଜେଡି ସଭାପତିଙ୍କ ସମ୍ବର୍ଦ୍ଧନା ସମାରୋହ

ଖଇରା,(ନି.ପ୍ର.) ଗତ ୨୪ବର୍ଷ ଧରି ବିଜେଡି ଲୋକଙ୍କ ସେବା କରି ଆସିଛି । ପ୍ରତିଟି ସାହି,ଗଳିକନ୍ଦିରେ ବିଜେଡିର ବିକାଶର ଛାପ ରହିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଜି ବି ଓଡିଶାବାସୀଙ୍କ ହୃଦୟ ଦେଇ ଭଲ ପାଉଛନ୍ତି । ବ□ମାନର ଭାଜପା ସରକାର ଖଣିଲୁଟ ସାଙ୍ଗକୁ ରଙ୍ଗବୋଳା କାର୍ଯ୍ୟରେ ବ୍ୟସ୍ତ । ୧୯ମାସ ମଧ୍ୟରେ ଲୋକଙ୍କ ଆସ୍ଥା ହରାଇ ସାରିଲାଣି ।ଏହି ମହାଦ୍ରୁମ ସମ ବିଜେଡି ମାତ୍ର କିଛିଦିନ ଧରି ପତ୍ରଝଡା ଦେଇଥିଲା । ପୁଣି ପତ୍ର କଅଁଳିଲାଣି । ମନୋବଳ ସୁଦୃଢ କର ଏବଂ ଆଗାମୀ ପ□ାୟତ ନିର୍ବାଚନ ଲାଗି ଏବେ ଠାରୁ ପ୍ରସ୍ତୁତ ହୋଇ ରୁହ ବୋଲି ଖଇରା ବ୍ଲକ



ର ଗରସଙ୍ଗ ଠାରେ ନୂତନ ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ଦାସଙ୍କ ସମ୍ବର୍ଦ୍ଧନା ପର୍ବରେ ଯୋଗ ଦେଇଥିବା ବିଜେଡି ନେତୃବୃନ୍ଦ ଓ ଲୋକପ୍ରତିନିଧି ମାନେ ଆହ୍ୱାନ ଦେଇଛନ୍ତି । ଜିଲା ପରିଷଦ ସଭ୍ୟା ପ୍ରତିନିଧି ନରେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସିମୁଳିଆର ପୁର୍ବତନ ବିଧାୟକ ତଥା ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,୪ନମ୍ବର ଜୋନ ଜିଲାପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ଗଗନଧୁଳୀ ସରପ□ ମଦନ ମୋହନ ସାନ୍ତରା,ସୁଣ୍ଡିରା ସମିତିସଭ୍ୟ ନଳିନି ସାହୁ,କୃଷ୍ଣଚନ୍ଦ୍ର ଜେନା,ବିଜୟ ବାରିକ,ମୋହନ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଭିନ୍ନ ପ□ାୟତରୁ ଦଳୀୟ ନେତା,ଲୋକପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# 'ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ'ର ଅଭିନବ ପ୍ରୟାସ: ଆୟୋଜନ ହେବ କୁଟୀର ବହିମେଳା ଓ ଭାଷା ପକ୍ଷ

ବାଲେଶ୍ୱର(ନି.ପ୍ର.)): 'ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ'(ଡଉଇଇ) ତରଫରୁ ଆସନ୍ତା ଫେବୃଆରୀ ମାସ ୨୨ ତାରିଖ ଠାରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ୧୫ ଦିନ ବ୍ୟାପୀ କୁଟୀର ବହିମେଳା ଓ ଭାଷା ପକ୍ଷ ପାଳନ କରାଯିବାକୁ ସ୍ଥିର କରାଯାଇଛି । 'ସ୍ରଷ୍ଟା' ନାଟ୍ୟାଳୟରେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଥିବା ଏକ ସାରସ୍ୱତ ସଭାରେ ଏ ସଂପର୍କରେ ସୂଚନା ଦେଇ ଡାକ୍ତର ନନ୍ଦ ବାଲେଶ୍ୱରର ସାହିତ୍ୟିକମାନଙ୍କ ସମ୍ପର୍କରେ ଏହି ଭାଷାପକ୍ଷରେ ଆଲୋଚନା କରାଯିବ ବୋଲି ପ୍ରକାଶ କରିଥିଲେ । ୨୨ ତାରିଖରେ ଏହି ପାକ୍ଷିକ ସାରସ୍ୱତ ଉତ୍ସବ ଉଦ୍?ଘାଟିତ ହେବ ଓ ଏଥିରେ



ଡାକ୍ତର ନନ୍ଦଙ୍କର ଏକ କବିତା ଗ୍ରନ୍ଥ ଉନ୍ମୋଚିତ ହେବ । ଅନ୍ୟ ଦିନମାନଙ୍କରେ ପ୍ରତି କାର୍ଯ୍ୟକ୍ରମରେ ନିରଞ୍ଜନ ରାଉତ, ଡକ୍ଟର ଶିରୀଶଚନ୍ଦ୍ର ଜେନା, ଡକ୍ଟର ହରିଶ୍ଚନ୍ଦ୍ର ବେହେରା, ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, କବି ଓ ସମ୍ପାଦକ କୃଷ୍ଣ କୁମାର ମହାନ୍ତି, ଗାଳ୍ପିକା ସ୍ମୃତି ଦାସ, ସ୍ତମ୍ଭକାର ଡକ୍ଟର ସୁବାସଚନ୍ଦ୍ର ପାତ୍ର, ଦୀନବନ୍ଧୁ ଲେଙ୍କା, ଡକ୍ଟର ଭାଗବତ ପ୍ରସାଦ ଦାସ, ତପନ ରାୟ, ଡକ୍ଟର ରମାକାନ୍ତ ନାୟକ, ଦୀପକ ବୋଷ, ଡକ୍ଟର ସନ୍ତୋଷ କୁମାର ନାୟକ, ଅରୁଣା ରାୟ ପ୍ରମୁଖ ପୌରୋହିତ୍ୟ କରିବେ । ଏଥିରେ ଦୀପ୍ତି ଦାସ, ବିମଳ ଜେନା,ପ୍ରଶାନ୍ତ ଦାସ, ଶ୍ରୀଦେବ, ନିବାରଣ ଜେନା,ପ୍ରଦୀପ ଚାଟାର୍ଜ୍ଜୀ, ହେମେନ୍ଦ୍ର ମହାପାତ୍ର, ହରିଶ୍ଚନ୍ଦ୍ର ବେହେରା, ଚୌଧୁରୀ ସତ୍ୟବ୍ରତ ନନ୍ଦ, ଗଙ୍ଗାଧର ବିଶ୍ୱାଳ ଓ ପୁଷ୍ପାଞ୍ଜଳି ନାୟକଙ୍କ ସାହିତ୍ୟ କୃତି ଉପରେ ଆଲୋଚନା ହେବ । ଏହି ଆଲୋଚନା ସଭାମାନଙ୍କରେ ଡକ୍ଟର ରତ୍ନାକର ସିଂହ, ରଞ୍ଜନ ମହାନ୍ତି, ଚିତରଞ୍ଜନ ସାହୁ, ଡକ୍ଟର ସାରଙ୍ଗଧର ତ୍ରିପାଠୀ, ମଧୁସୂଦନ ମିଶ୍ର, ଶୁଭଶ୍ରୀ ଦାଶ, ଲୋପାମୁଦ୍ରା ଦାସ, ଜ୍ଞାନେନ୍ଦ୍ର ପଣ୍ଡା, ରାଜସ୍ମିତା ସାହୁ, ତ୍ରିନାଥ ନନ୍ଦୀ, ରିତେଶ ଦାଶ, ଶ୍ରୀଦେବ, ପ୍ରଶାନ୍ତ ଦାସ, କୁମରନାଥ ପାତ୍ର, ଦୀପିକା ସେନାପତି, ଶୁଭଦ୍ରା ଦାସ ମହାପାତ୍ର, ତସ୍?ଲିମା, ଡକ୍ଟର ସନ୍ତୋଷ ସାହୁ, ରଶ୍ମିତା ପରିଡ଼ା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଗୀତା ରାଉତ, ଡକ୍ଟର ପ୍ରତୀଚୀ ନନ୍ଦ, ବାବୁଲୁ ପଧାନ, ସଞ୍ଜୟ ପଣ୍ଡା, ବିଦ୍ୟୁତପ୍ରଭା ପତି, ଅନିଶା ନାୟକ, ପୀତାମ୍ବର ବେହେରା, ଅଞ୍ଜଳି ପଣ୍ଡା ମମତା ମହାପାତ୍ର, ଶାନ୍ତିଲତା ପଣ୍ଡା, ଗୀତାଞ୍ଜଳି ଶତପଥୀ ପ୍ରମୁଖ ବକ୍ତା ଭାବରେ ଯୋଗ ଦେବେ । କାର୍ଯ୍ୟକ୍ରମରେ କଲ୍ୟାଣୀ ନନ୍ଦ, ବେଣୁଧର ସାହୁ, କରୁଣାକର ସ, ସୁବ୍ରତା ମହାନ୍ତି, ପଣ୍ଡିତ ସଞ୍ଜୟକୁମାର ପଣ୍ଡା ଆଦି ଅଂଶଗ୍ରହଣ କରିଥିଲେ ।

# ଜଗଦୀଶ ମହାନ୍ତି ଟ୍ରଷ୍ଟ୍' ତରଫରୁ ଆୟୋଜିତ ହେଲା 'ଜଗଦୀଶ ଜୟନ୍ତୀ'

## 'ଜଗଦୀଶ ଯୁବ ସମ୍ମାନ' ପାଇଲେ ଶାନ୍ତନୁ କୁମାର ନାୟକ



ବାଲେଶ୍ୱର(ନି.ପ୍ର.) ଜଗଦୀଶ ମହାନ୍ତିଙ୍କ ଗପ ପଢ଼ିବା ବେଳେ ଲାଗେ ନାହିଁ ଯେ ଆମେ ଗପ ପଢୁଛୁ, ବରଂ ଲାଗେ ଯେମିତି ଆମେ ଅତି ପରିଚିତ କେଉଁ ଲୋକ ସହ କଥାବାର୍ତ୍ତା କରୁଛୁ । କାରଣ ସାଧାରଣ କଥୋପକଥନ ଭଙ୍ଗୀରେ ତାଙ୍କର ସାହିତ୍ୟ ରଚିତ ବୋଲି 'ଜଗଦୀଶ ମହାନ୍ତି ଟ୍ରଷ୍ଟ୍?' ତରଫରୁ ଆୟୋଜିତ 'ଜଗଦୀଶ ଜୟନ୍ତୀ' ଅବସରରେ ଯୋଗ ଦେଇ ଅତିଥିଗଣ ମତବ୍ୟକ୍ତ କରିଛନ୍ତି । ଓଡ଼ିଆ କଥାସାହିତ୍ୟର ଜଣେ ଅପ୍ରତିଦ୍ୱନ୍ଦ୍ୱୀ କଥାକାର ଭାବେ ପରିଚିତ ଜଗଦୀଶ ମହାନ୍ତିଙ୍କ ସ୍ମୃତିରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କଥାକାର ସତ୍ୟ ମିଶ୍ର ଯୋଗଦେଇ ଜଗଦୀଶ ମହାନ୍ତିଙ୍କ ସୃଜନକୃତି ଓ ଜୀବନଚର୍ଯ୍ୟା ଉପରେ ସବିଶେଷ ଆଲୋଚନା କରିଥିଲେ ।ଏହି ଅବସରରେ ବିଶିଷ୍ଟ ଗାଳ୍ପିକା ସୁପ୍ରିୟା ପଣ୍ଡାଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ଜଗଦୀଶ କଥା ସମ୍ମାନ' ପ୍ରଦାନ କରାଯାଇଥିଲା । ପୁରସ୍କାର ବାବଦରେ ୧୦ ହଜାର ଟଙ୍କା ଓ ସମ୍ମାନ ଫଳକ ପ୍ରଦାନ କରାଯାଇଥିଲା । ସେହିପରି ଯୁବଲେଖକଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଦିଆ ଯାଉଥିବା ୫ ହଜାର ଟଙ୍କା ଅର୍ଥରାଶି ସମ୍ବଳିତ 'ଜଗଦୀଶ ଯୁବ ସମ୍ମାନ' ଏଥର ଗାଳ୍ପିକ ଶାନ୍ତନୁ କୁମାର ନାୟକଙ୍କୁ ପ୍ରଦାନ କରା ଯାଇଥିଲା । ଉଭୟ ପୁରସ୍କୃତ ଲେଖକ ସେମାନଙ୍କ ଲେଖକୀୟ ବକ୍ତବ୍ୟରେ ଜଗଦୀଶ ମହାନ୍ତିଙ୍କ ଗଳ୍ପର ପ୍ରଭାବ ଉପରେ ଆଲୋକପାତ କରିଥିଲେ । ଉତ୍ସବରେ ସଭାପତିତ୍ୱ କରିଥିଲେ କଥାକାର ଡକ୍ଟର ସରୋଜିନୀ ସାହୁ । 'ଟ୍ରଷ୍ଟ୍?'ର ସଂପାଦକ ତଥା ଲେଖକ ସରୋଜ ବଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଉତ୍ସବ ସଂଚାଳନ କରିଥିଲେ । ଉତ୍ସବ ଆରମ୍ଭରେ ଯୁବକବି ଶିବଚରଣ ମହାପାତ୍ର ଜଗଦୀଶ ମହାନ୍ତିଙ୍କର ଏକ ଗଳ୍ପ ଉପସ୍ଥାପନ କରିଥିଲେ ।ଉତ୍ସବ ପରିଚାଳନାରେ ତିଲୋତମା ଦାସ, ପ୍ରଜ୍ଞା ପାରମିତା ରଥ, ଅନ୍ତର୍ଯ୍ୟାମୀ ମିଶ୍ର, ଜଗନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିବାବେଳେ ବହୁ ଜଗଦୀଶପ୍ରେମୀ ପାଠକପାଠିକା, ଲେଖକ, ସଂପାଦକ, ପ୍ରକାଶକ ଓ ସାହିତ୍ୟାନୁରାଗୀ ଏଥିରେ ଯୋଗ ଦେଇଥିଲେ ।

# ସ୍ୱର୍ଗତ ବିକାଶ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଇଁ ପ୍ରସ୍ତୁତି

ବାଲେଶ୍ୱର(ନି.ପ୍ର.) କଂଗ୍ରେସ ଦଳର ଟାଣୁଆ ନେତା ସ୍ୱର୍ଗତ ବିକାଶ କୁମାର ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଆସନ୍ତା ୫ ତାରିଖ ଗୁରୁବାର ଅନୁଷ୍ଠିତ ହେବ ବୋଲି ଏକ ପ୍ରସ୍ତୁତି ବୈଠକ ଶେଷ ହୋଇଛି । ବାଲେଶ୍ୱର ଶାସଙ୍ଗ ଠାରେ ଆସନ୍ତା ଗୁରୁବାର ସନ୍ଧ୍ୟା ୬ଘଟିକା ସମୟରେ (୫.୩.୨୦୨୬) ସମୟରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହେବ । ଏଥିରେ ଜିଲ୍ଲାର ବିକାଶ ଦାସଙ୍କୁ ଭଲ ପାଉଥିବା ବ୍ୟକ୍ତି, ରାଜନେତା, ଅତିଥିମାନଙ୍କୁ ଯୋଗ ଦେବା ନିମନ୍ତେ ତାଙ୍କର ପରିବାରବର୍ଗ ତଥା ପୁତ୍ର ପ୍ରଭାସ କୁମାର ଦାସ ଅନୁରୋଧ କରିଛନ୍ତି ।

# ପୁସ୍ତକ ଲୋକାର୍ପଣ ଉତ୍ସବ ୨୨ରେ

ବାଲେଶ୍ୱର(ନି.ପ୍ର.) ହୋଟେଲ ହେରିଟେଜ୍ ଠାରେ ଆସନ୍ତା ୨୨ ତାରିଖ ରବିବାର ସନ୍ଧ୍ୟା ୬ଘଟିକା ସମୟରେ କବି ଡ. ଭାଗବତ ବେହେରାଙ୍କ ୨ଗୋଟି ପୁସ୍ତକ କଳାପାହାଡ଼ ଓ ପତିତପାବନ ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ । ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବେ ଡାକ୍ତର ସତ୍ୟବ୍ରତ ନନ୍ଦ । ଅତିଥି ଭାବେ ଯୋଗଦେବେ ବିପିନ ବିହାରୀ ବିଶ୍ୱାଳ, ଡ. ସୁବାସ ଚନ୍ଦ୍ର ପାତ୍ର, ଗାଳ୍ପିକ ସନ୍ତୋଷ ବାରିକ, ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଏବଂ ଉତ୍ସବ ପରିଚାଳନା କରିବେ ଡ. ରାଜ କିଶୋର ପଣ୍ଡିତ । ଆୟୋଜିତ ଏହି କାର୍ଯ୍ୟକ୍ରମର ବାଲେଶ୍ୱର ଜିଲ୍ଲା ସମେତ ସହରର ବିଶିଷ୍ଟ ନାଗରିକ, ସାରସ୍ୱତ ସାଧକ, କବି, ଗାଳ୍ପିକ, କବୟିତ୍ରୀ ପ୍ରମୁଖଙ୍କୁ ଯୋଗଦେବା ନିମନ୍ତେ ଅନୁରୋଧ କରିଛନ୍ତି ଡ. ଭାଗବତ ବେହେରା ।

## ଆହତଙ୍କୁ ମେଡିକାଲ ପହଂଚାଇଲେ ପୂର୍ବତନ ବିଧାୟକ

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ନହଙ୍ଗ ଗ୍ରାମର ତିଲୋ□ମା ଦାସ ପୁଅକୁ ଟିଉସନ ରୁ ଆଣିବାକୁ ଯାଉଥିବା ବେଳେ ତାରିଣୀ ଛକ ନିକଟରେ ଦିପୁ ଟୁଡୁ ନାମକ ଯୁବକ ପଛପଟୁ ଧକ୍କା ଦେଇଥିଲା । ଗରସଙ୍ଗ ସଭାସାରି ସେହି ସମୟରେ ସେହି ରାସ୍ତାଦେଇ ଖଇରା ଯାଉଥିବା ପୁର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମାନବିକତା ଦେଖାଇ ଗାଡିରୁ ଓହ୍ଲାଇ ପାଖଗ୍ରାମବାସୀଙ୍କ ସହଯୋଗରେ ଆହତ ତିଲୋ□ମାକୁ ଖଇରା ମେଡିକାଲରେ ପହ□ାଇଥିଲେ । ଶ୍ରୀ ପାଣିଗ୍ରାହୀଙ୍କ ଏଭଳି କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶଂସା କରାଯାଉଛି ।

# ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଅଗ୍ରଗତିର ସମୀକ୍ଷା ବୈଠକ



ବାଲେଶ୍ୱର(ନି.ପ୍ର.) ଆଜି ଅପରାହ୍ନ ୪.୩୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକଙ୍କ ଅଧକ୍ଷତାରେ ଏଫଏଲଏନ ଜିଲ୍ଲା ପରିଚାଳନା କମିଟି ତଥା ଜିଲ୍ଲା ପ୍ରକଳ୍ପ ପରିଚାଳନା ଯୁଗ୍ମ (ଏଫଏଲଏନ-ଡିଏସସି-ଡିପିଏମୟୁ) ସହିତ ଜିଲ୍ଲାରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ (ଏଫଏଲଏନ) ର ଅଗ୍ରଗତି ନିମନ୍ତେ ବର୍ଷର ଦ୍ୱିତୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏହି ସମୀକ୍ଷା ବୈଠକ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ, ବାଲେଶ୍ୱର, ରେମୁଣା ଆନୁକୂଲ୍ୟରେ ହୋଇଛି । ଏହି ବୈଠକରେ ଜିଲ୍ଲାର ପ୍ରାଥମିକ ଶିକ୍ଷା ଭିତଭୂମିକୁ ସୁଦୃଢ , କରିବା ଦିଗରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ଏହି ସମୀକ୍ଷାରେ ଏଫଏଲଏନ କାର୍ଯ୍ୟକ୍ରମର ବର୍ତମାନର ଅଗ୍ରଗତି, ଏପର୍ଯ୍ୟନ୍ତ ହାସଲ ହୋଇଥିବା ଶିକ୍ଷଣ ଫଳାଫଳ ଏବଂ ଭବିଷ୍ୟତର କର୍ଯ୍ୟାନ୍ୱୟନ ପାଇଁ ରାଜନୈତିକ ଯୋଜନା ବିଷୟରେ ପୁଙ୍ଖାନପୁଙ୍ଖ ସାରାଂଶ ପ୍ରସ୍ତୁତ କରାଯାଇ ଆଗାମୀ ଦିନରେ କିଭଳି ଅଧିକରୁ ଅଧିକ ଏହି ଯୋଜନାର ସୁଫଳ ମିଳିପାରିବ ସେ ବିଷୟରେ ଆଲେଚନା କରାଯାଇଥିଲା । ଉକ୍ତ ବୈଠକରେ ପିଲାମାନଙ୍କର ପ୍ରାରମ୍ଭିକ ବୟସରେ ଦୃଢ଼ ଶିକ୍ଷାଗତ ଭିତି ସ୍ଥାପନ ନିମନ୍ତେ ପ୍ରତ୍ୟେକ ପ୍ରାରମ୍ଭିକ ଶ୍ରେଣୀ ଛାତ୍ରଛାତ୍ରୀ ମାନେ ସାକ୍ଷରତା ଓ ସଂଖ୍ୟା ଜ୍ଞାନରେ ଆବଶ୍ୟକୀୟ ଭିତିଭୂମି ହାସଲ କରିବା ଦିଗରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାପିତ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବା ପାଇଁ ମତ ପ୍ରକାଶ ପାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଏ ସମସ୍ତ କାର୍ଯ୍ୟକ୍ରମର ମନିଟରିଙ୍ଗ, ମୂଖ୍ୟ ସ୍ରୋତରେ ସାମିଲ ହେବାକୁ ପଛ ଧାଡ଼ିରେ ରହିଯାଉଥିବା ପିଲା ତଥା ଉପରୋକ୍ତ ମନିଟରିଙ୍ଗ ଦୃଢୀଭୂତ କରିବା ଉପରେ ମତାମତ ରଖିଥିଲେ ଏବଂ ଏ ସମସ୍ତ ବିଷୟ ଉପରେ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦେଇଥିଲେ । ଏହି ବୈଠକରେ ଏଫଏଲଏନ-ଡିଏସସି-ଡିପିଏମୟୁର ସମସ୍ତ ସଦସ୍ୟ ଓ ସଦସ୍ୟା ମାନେ ଉପସ୍ଥିତ ରହିଥିଲେ ।



# ଅତ୍ୟାଧୁନିକ ସିନେମା ହଲ ଉଦ୍‌ଘାଟିତ




କନ୍ଧମାଳ(ନିପ୍ର): ସ୍ଥାନୀୟ ବସ ଷ୍ଟାଣ୍ଡ ନିକଟରେ ଏକ ଅତ୍ୟାଧୁନିକ ତଥା ବିଳାସ ପୂର୍ଣ୍ଣ ସିନେମା ହଲ ବୁଧବାର ଅପରାହ୍ନ ରେ ଜିଲ୍ଲାପାଳ ବେଦ ଭୂଷଣ ଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ ତାଙ୍କ ଅଭିଭାଷଣ ରେ କହିଥିଲେ ଯେ ପରିବେଶ ଓ ପ୍ରାକୃତିକ ସୋନ୍ଦର୍ଯ୍ୟ ଦୃଷ୍ଟିରୁ କନ୍ଧମାଳ ଜିଲ୍ଲା ସର୍ବୋତମ । ଏବେ ଏଠାରେ ବିଳାସପୁର୍ଣ୍ଣ ସିନେମା ହଲ ପ୍ରତିଷ୍ଠା ପରେ ଜନସାଧାରଣ ଙ୍କ ଆମୋଦ ପ୍ରମୋଦ ପାଇଁ ଏହା ଏକ ମାଧ୍ୟମ ହୋଇ ପାରିବ । ବିଶେଷ କରି ବାହାର ରାଜ୍ୟର ଯେଉଁ ଛାତ୍ର ଛାତ୍ରୀ ମାନେ ସ୍ଥାନୀୟ ମେଡିକାଲ କଲେଜ ରେ ଅଧୟନ କରୁଛନ୍ତି ସେମାନଙ୍କୁ ଅଧିକ ସହାୟତା ହେବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଗ୍ରାମୀଣ ବ୍ୟାଙ୍କ ର ଆଂଚଳିକ ମ୍ୟାନେଜର ଚନ୍ଦନ ଝା ଯୋଗ ଦେଇଥିଲେ । ଇତି ଅବସର ରେ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ସମ୍ମାନିତ କରାଯାଇଥିଲା ବେଳେ କନପ୍ଲେସ ପରିଚାଳନା କାର୍ଯକାତା ବିଷ୍ଣୁ ପ୍ରିୟା ମହାନ୍ତି ଓ ଅନ୍ୟ ମାନଙ୍କ ମଧ୍ୟରେ ରାଜ କିଶୋର ପଟନାୟକ, ଅଭିରାମ ମହାନ୍ତି, ବ୍ରଜ ପଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# ୩୯ଶିକାରୀ ଗିରଫ, ବ୍ୟାପକ ବନ୍ଧୁକ ଓ ଶିକାର ସାମଗ୍ରୀ ଜବତ



ବାରିପଦା(ନିପ୍ର): ଶିମିଳିପାଳକୁ ଶିକାରମୁକ୍ତ କରିବା ପାଇଁ ସରକାର ଏବଂ ବନ ବିଭାଗ ପକ୍ଷରୁ ବ୍ୟାପକ ପ୍ରୟାସ କରାଯାଉ ଥିଲେ ମଧ୍ୟ ଶିମିଳିପାଳରେ ଶିକାର ବନ୍ଦ ହେଉନି. ଶିକାର ରୋକିବା ପାଇଁ ଶିମିଳିପାଳରେ ଏଆଇ ଟ୍ରାପ କ୍ୟାମେରା ଲଗାଯାଇ ଶିକାରୀ ମାନଙ୍କର ଗତିବିଧି ଉପରେ ୨୪ଘଂଟା ନଜର ରଖା ଯାଉଛି. ଟ୍ରାପ କ୍ୟାମେରା ଆଧାରରେ ଇତି ମଧ୍ୟରେ ବହୁ ଶିକାରୀ ମଧ୍ୟ ଧରା ହେଲେଣି. ତେବେ ଗୁରୁବାର ରାତି ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଅଂଚଳରେ ସାମୁହିକ ଭାବେ ଶିକାର କରିବାକୁ ପ୍ରବେଶ କରିଥିବା ଶିକାରୀ ଦଳଙ୍କ ଗତିବିଧି ଏଆଇ କ୍ୟାମେରାରେ ଟ୍ରାପ ହେବାପରେ ଶିମିଳିପାଳ ଦକ୍ଷିଣ କର୍ମଚାରୀଙ୍କ ୨୪ ଘଂଟାର ଅପରେଶନ ପରେ ୩୯ଜଣ ଶିକାରିକୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୯ଟି ଦେଶୀ ବନ୍ଧୁକ ୨୦ ଧନୁତୀର, ବିପୁଳ ପରିମାଣର ବନ୍ଧୁକ ପାଉଡର ସହ ବିଭିନ୍ନ ଶିକାର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ବନ ବିଭାଗର ଚଢ଼ାଉ ବିଷୟରେ ଜାଣିପାରି ଶିକାରୀ ମାନେ କୌଣସି ବିରୋଧ ନକରି ଆତ୍ମ ସମର୍ପଣ କରିଥିଲେ. ଗିରଫ ଅଭିଯୁକ୍ତ ମାନେ ହେଲେ ଉଦଳା ଥାନା ଅଧିନ ଅମ୍ବିକାଦେଇପୁର, ମହାଲିସାହି, ଲୁକୁଇଡା, ମାଟାକ ମଟଲା, ଜିତୁସାହି, ଖଲାଡି, ଲଙ୍ଗାଡି ଗ୍ରାମର ଶିକାରୀ ବୋଲି ଚିହ୍ନଟ କରାଯାଇଥିବା ନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ପ୍ରକାଶ କରିଛନ୍ତି ।

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj I, Kirti Chandra Patra, S/o- Harekrushana Patra resident of At/Po- Bhulada, Ps- Turumunga, Dist- Keonjhar, Pin- 758032, Aadhaar No. 4899 5370 2474 declare that I have changed my name from Kritisena Patra to Kirti Chandra Patra. Henceforth, I shall be known as Kirti Chandra Patra for all purposes.

Sd/-
Kirti Chandra Patra

**AFFIDAVIT**

By virtue of an affidavit sworn before Notary Public, Baripada, Mayurbhanj I, Mohan Hansdah, S/o- Sankhai Hansda residing At- Radhikasol, Po- Sureidihi, Ps- Betnoti, Dist- Mayurbhanj, Pin- 757029, Aadhaar No. 9626 3993 6612 declare that I have changed my name from Mohana Hansda to Mohan Hansdah. Henceforth, I shall be known as Mohan Hansdah for all purposes.

Sd/-
Mohan Hansdah

# ଗ୍ରୀଷ୍ମ ପ୍ରବାହ ପରିଚାଳନା ବୈଠକ ଅନୁଷ୍ଠିତ




ପୁରୀ(ନିପ୍ର): ଗ୍ରୀଷ୍ମ ପ୍ରବାହ ସମ୍ପର୍କରେ ଲୋକ ମାନଙ୍କୁ ସଚେତନ ସହ ବିଭିନ୍ନ ବିଭାଗ ସେମାନଙ୍କ ପରିଚାଳନା କୁ ସୁଦୃଢ଼ କରିବା ଜରୁରୀ । ଯାହା ଫଳରେ ଏହି ଗ୍ରୀଷ୍ମ ପ୍ରବାହ କ୍ଷୟକ୍ଷତି କୁ ରୋକା ଯାଇ ପାରିବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା । ସଦ୍‌ଭାବନ ସଭାଗୃହ ପରିସରରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କମିଟିର ପୁରୀ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡା ପ୍ରାକୃତିକ ବିପର୍ଯ୍ୟୟ କୁ ରୋକା ଯାଇ ପାରିବ ନାହିଁ । କିନ୍ତୁ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନ ଜୀବନ ହାନି ଓ କ୍ଷୟକ୍ଷତିକୁ ହ୍ରାସ କରିପାରିବା । ତେଣୁ ବୈଠକ ର ନିର୍ଯ୍ୟାସ ଅନୁସାରେ ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱ କୁ ସୁଚାରୁ ରୁପେ ନିର୍ବାହ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପରେ ବିଷଦ ଆଲୋଚନା କରାଯାଇ କାର୍ଯ୍ୟ ଚୁଡାନ୍ତ କରାଗଲା । ବ୍ଲକ, ତହସିଲ, ଜିଲ୍ଲା ସ୍ତର ସହ ସମସ୍ତ ବିଭାଗ ସେମାନଙ୍କ କଂଟ୍ରୋଲ ରୁମ ବା ନିୟନ୍ତ୍ରଣ କକ୍ଷ କୁ ନିରନ୍ତର ଭାବେ ତୁରନ୍ତ କାର୍ଯ୍ୟକ୍ଷମ କରିବା, ୱାଟକୋ ତରଫରୁ ସହରାଂଚଳରେ ପାନୀୟ ଜଳ ଯୋଗାଣ କୁ ଅଧିକ କ୍ରିୟାଶୀଳ କରିବା, ଆବଶ୍ୟକତା ଅନୁସାରେ ଜଳ ଯୋଗାଇବା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ଉତ୍ସ ଗୁଡିକୁ ନିୟମିତ ବିଶୋଧନ ସହ ଅଧିକ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ, ଗ୍ରାମାଂଚଳରେ ଓ ସହରାଂଚଳ ର ଜନ ଗହଳି ପୂର୍ଣ୍ଣ ସ୍ଥାନ ମାନଙ୍କ ରେ ବିଡ଼ିଓ, ପୌର ଓ ଏନଏସିର ନିର୍ବାହୀ ଅଧିକାରୀ ମାନେ ପାନୀୟ ଜଳ ଛତ୍ରର ବ୍ୟବସ୍ଥା କରିବା, ଶ୍ରମିକ ମାନଙ୍କୁ ଦିବା ୧୧ ଘଟିକା ରୁ ୩ ଘଟିକା ପର୍ଯ୍ୟନ୍ତ କାମ ନ କରାଇବା, ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଛାଇ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ସେମାନ ଙ୍କୁ ସଚେତନତା ବ୍ୟବସ୍ଥା, ଶିକ୍ଷାନୁଷ୍ଠାନ ଗୁଡିକ ସରକାରୀ ମାର୍ଗଦର୍ଶିକା ଅନୁସାରେ ପରିଚାଳନା, ସମସ୍ତ ଚିକିତ୍ସାଳୟରେ ଏସି, କୁଲର ବ୍ୟବସ୍ଥା, ବରଫ ବ୍ୟବସ୍ଥା, ପ୍ରଚୁର ଓଆରଏସ ବ୍ୟବସ୍ଥା, ବେସରକାରୀ ହସପିଟାଲ ମାନଙ୍କୁ ସଚେତନ କରାଇବା ବ୍ୟବସ୍ଥା, ହିଟ୍ ଓ୍ୱେଭରେ ମୃତ୍ୟୁ ଅଭିଯୋଗ ରେ ପୋଷ୍ଟମର୍ଟମ ସହ ଯୁଗ୍ମ ତଦନ୍ତ ବ୍ୟବସ୍ଥା, ଗ୍ରୀଷ୍ମ ସମୟରେ ଲୋକ ମାନଙ୍କୁ କ'ଣ କରିବା କ'ଣ ନ କରିବା ସମ୍ପର୍କରେ ସଚେତନ କରାଇବା ବ୍ୟବସ୍ଥା, ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ମାନଙ୍କୁ ସଚେତନ ଓ ସେମାନଙ୍କ ସହଯୋଗ ନେବା, ନିରବଚ୍ଛିନ୍ନ ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣ କରିବା, ପଶୁ ସମ୍ପଦ ମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ।

**AFFIDAVIT**

By virtue of an affidavit sworn before Executive Magistrate, Baripada dated 30.08.2024, I, Monalisa Baitha, aged about 37 years, W/o- Pulin Kumar Baitha of Vill- Janardanpur, Ward No. 15, Po/Ps- Baripada, Dist- Mayurbhanj declare that as per the birth certificate of my son name Shibananda Baitha. But it is wrongly mention in Aadhar Card Abhisek Baitha.
Shibananda Baitha and Abhisek Baitha is same and one person

Sd/-
Monalisa Baitha

# ଦାବି ପୂରଣ ଦାବିରେ ଏମଭି-୭୯ ଅଂଚଳରେ କେନ୍ଦୁପତ୍ର ଶ୍ରମିକଙ୍କ ଧାରଣା



ମାଲକାନଗିରି(ନିପ୍ର): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନରେ ଏମଭି-୭୯ ଅଂଚଳରେ କାର୍ଯ୍ୟରତ କେନ୍ଦୁପତ୍ର ତୋଳାଳୀ, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନେ ବିଭିନ୍ନ ଦାବୀ ପୂରଣ ଦାବିରେ ଆଜି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଶ୍ରମିକ ମାନଙ୍କ ଅଭିଯୋଗ ଅନୁସାରେ, ପୂର୍ବରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦାବୀପତ୍ର ଦିଆଯାଇ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ପଦକ୍ଷେପ ଗ୍ରହଣ ହୋଇନାହିଁ । ଏହାକୁ ପ୍ରତିବାଦ କରି ସେମାନେ ଗଣଧାରଣା ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ମୁଖ୍ୟ ଦାବୀମାନଙ୍କ ମଧ୍ୟରେ କେନ୍ଦୁପତ୍ର କେରି ଓ ବଣ୍ଡଲ ପ୍ରତି ଦର ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରୀ ବୃଦ୍ଧି, ବୋନସ ହାର ବୃଦ୍ଧି, ମୃତ୍ୟୁକାଳୀନ ସହାୟତା ୪ ଲକ୍ଷ ଟଙ୍କାକୁ ବୃଦ୍ଧି, ରୋଗାକ୍ରାନ୍ତ ସମୟରେ ଛୁଟି ବ୍ୟବସ୍ଥା, ଖାଲି ପଦ ପୂରଣ ଓ ସାମାଜିକ ନିରାପତା ପାଇଁ ବଜେଟରେ ୨୦୦ କୋଟି ଟଙ୍କା ବ୍ୟବସ୍ଥା ଭଳି ଦାବୀ ସମ୍ମିଳିତ ଅଛି । ସେହିପରି, କେନ୍ଦୁପତ୍ର ଫଡି ଉଚ୍ଛେଦ ବନ୍ଦ, ପ୍ରସ୍ତାବିତ କିଛି ଡିଭିଜନରେ ପରୋକ୍ଷ ଘରୋଇକରଣ ବନ୍ଦ ଓ କଲ୍ୟାଣ ଟ୍ରଷ୍ଟ ବୋର୍ଡର ବୈଠକ ଶୀଘ୍ର ଆହ୍ୱାନ କରିବାକୁ ସଂଘ ଦାବୀ କରିଛି । ଧାରଣାସ୍ଥଳରେ ସଂଘର ପକ୍ଷରୁ କୁହାଯାଇଛି ଯେ, ଯଦି ଶୀଘ୍ର ଦାବୀ ପୂରଣ ନହେଉ, ଆଗାମୀଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ । ଏହି ଧାରଣାକୁ ନେଇ ଅଂଚଳରେ ଚର୍ଚ୍ଚା ସୃଷ୍ଟି ହୋଇଥିବାବେଳେ, ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସର୍ବସାଧାରଣ ପ୍ରତିକ୍ରିୟା ମିଳିନାହିଁ ।

## ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି

ସଂସଦ ଅଧିନିୟମ ଦ୍ୱାରା ସ୍ଥାପିତ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

**ମୁକରିର ବିଜ୍ଞପ୍ତି**

ଶିକ୍ଷକ ପଦବୀ (ପ୍ରତ୍ୟକ୍ଷ ମୁକରିର)

(ଏଡିଭିଟି. ନଂ. ଏନ୍‌ଏସ୍‌କେଟିୟୁ/ଆଡମିନ./ଟି/୨୦୨୫/୦୪ ତା୧୮.୦୨.୨୦୨୬)

ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି ଶିକ୍ଷକ ପଦବୀର ପ୍ରତ୍ୟକ୍ଷ ମୁକରିର ପାଇଁ ଭାରତୀୟ ନାଗରିକଙ୍କ ଠାରୁ ଅନ୍‌ଲାଇନ ଦରଖାସ୍ତ ଆହ୍ୱାନ କରୁଛନ୍ତି ।

| କ୍ର.ସଂ. | ପଦବୀର ନାମ | ଖାଲି ଥିବା ପଦବୀ | ପଦବୀ ସଂଖ୍ୟା ଓ ସଂରକ୍ଷିତ ଶ୍ରେଣୀ | | | | | | ଦରମାସ୍ତର (୭ମ ସିପିସି) |
|---|---|---|---|---|---|---|---|---|---|
| | | | ହରିଜନ | ଆଦିବାସୀ | ପଛୁଆ ଜାତି | ପିଡବ୍ଲୁବିଡି | ଅର୍ଥନୈତିକ ଦୁର୍ବଳ ଶ୍ରେଣୀ | ଅଣସଂରକ୍ଷିତ | |
| ୧ | ଯୋଗ ବିଜ୍ଞାନର ସହଯୋଗୀ ପ୍ରାଧ୍ୟାପକ | 01 | - | - | 01* | - | - | - | 13A |
| ୨ | ଆଜ୍ଞା ବିଭାଗର ସହଯୋଗୀ ପ୍ରାଧ୍ୟାପକ | 01 | - | - | - | - | - | 01 | 13A |

*ବାକି ଥିବା ପଦବୀ

ଶିକ୍ଷକପଦବୀ ପାଇଁ ଅନ୍‌ଲାଇନ୍ ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ୧୫.୦୩.୨୦୨୬ । ପଦବୀ ଗୁଡ଼ିକର ସବିଶେଷ, ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ଏବଂ ଅନ୍ୟ ସର୍ତ୍ତ ପାଇଁ ଦୟାକରି ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ http://www.nsktu.ac.in. ଦେଖନ୍ତୁ ।

କୁଳସଚିବ

cbc 21364/12/0004/2526

# କବାଡ଼ିଆ ବ୍ୟବସାୟ ନାଁରେ ଚାଲିଛି ମେଗା ଜିଏସ୍‌ଟି ଠକେଇ

ଧାମନଗର (ନିପ୍ର): ଧାମନଗର ଅଂଚଳରେ କବାଡିଆ ବ୍ୟବସାୟ ଏବେ କୋଟି କୋଟି ଟଙ୍କାର ଟିକସ ଫାଙ୍କିବାର ମାଧ୍ୟମ ପାଲଟିଛି । ଛତୁ ଫୁଟିଲା ଭଳି ଗଳିକନ୍ଦିରେ କବାଡିଆ ଦୋକାନ ଖୋଲିଥିବା ବେଳେ, ଅଧିକାଂଶ କବାଡିଆ ବ୍ୟବସାୟୀ ସରକାରୀ ନିୟମକୁ ବୁଢ଼ା ଆଙ୍ଗୁଠି ଦେଖାଇ ଠକେଇ କରୁଥିବା ଅଭିଯୋଗ ହୋଇଛି । ଆଶ୍ଚର୍ଯ୍ୟର କଥା ହେଉଛି, ଅନେକ ସ୍ଥାନରେ ସାଧାରଣ ପାନ ଦୋକାନୀ ଏବଂ ଏପରିକି ମୃତ ବ୍ୟକ୍ତିଙ୍କ ନାମରେ ଜାଲ କାଗଜପତ୍ର ପ୍ରସ୍ତୁତ କରି ଲାଇସେନ୍ସ ହାସଲ କରାଯାଇଛି । ସୂଚନା ଅନୁସାରେ, ଏହି ମାଫିଆମାନେ ଅତି ଚତୁରତାର ସହ ଗରିବ ଓ ଅସହାୟ ଲୋକଙ୍କ ଆଧାର କାର୍ଡ ଓ ପାନ କାର୍ଡ ହାତେଇ ନକଲି ଫାର୍ମ ତିଆରି କରୁଛନ୍ତି । ଫଳରେ କୋଟି କୋଟି ଟଙ୍କାର କାରବାର ହେଉଥିଲେ ମଧ୍ୟ ସରକାରଙ୍କ ଖାତାକୁ ଟିକସ ଯାଉନାହିଁ । ଯେଉଁଠି ଜଣେ ସାଧାରଣ ବ୍ୟବସାୟୀ ସଚୋଟତାର ସହ ଏଝଞ୍ଚ ପୈଠ କରୁଛି, ସେଠାରେ ଏହି ମାଫିଆମାନେ 'ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍' ର ଦୁରୁପଯୋଗ କରି ସରକାରଙ୍କ ଆଖିରେ ଧୂଳି ଦେଇ ବେସ ହାତ ଚିକଣ କରୁଚନ୍ତି । ।ଇନ ଅନୁଯାୟୀ, ଜାଲିଆତି କରି ଟିକସ ଫାଙ୍କିବା ଏକ ସଂଜ୍ଞେୟ ଅପରାଧ, ଯଦି ଠକେଇ ପରିମାଣ ୫ କୋଟି ଟଙ୍କାରୁ ଅଧିକ ହୁଏ, ତେବେ ଅଭିଯୁକ୍ତଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହ ଜରିମାନା ହୋଇପାରେ, ଅନ୍ୟ ଜଣଙ୍କ ନାମରେ ବା ମୃତ ବ୍ୟକ୍ତିଙ୍କ ନାମରେ ଲାଇସେନ୍ସ କରିବା 'ଧାରା ୪୨୦' (ଠକେଇ) ଏବଂ ଜାଲିଆତି ଅନ୍ତର୍ଗତ ଆସେ । ନିୟମ ଅନୁସାରେ, ଅଧିକାରୀ ମାନେ ଯେକୌଣସି ସମୟରେ ବ୍ୟବସାୟ ସ୍ଥଳ ପରିଦର୍ଶନ କରି କାଗଜପତ୍ର ଯାଂଚ କରିପାରିବେ । ଯଦି ଠିକଣା ଭୁଲ୍ ଥାଏ, ତେବେ ତୁରନ୍ତ ଏଝଞ୍ଚ ନମ୍ବର ରଦ୍ଦ କରାଯିବାର ନିୟମ ରହିଛି । ମାତ୍ର ମାଲିକ ମାନେ ବିଭାଗୀୟ ଅଧିକାରି ଙ୍କୁ ହାତକରି ଏହି ବେଆଇନୀ କାମ କରୁଛନ୍ତି । ସ୍ଥାନୀୟ ସଚେତନ ନାଗରିକ ଓ ସଚୋଟ ବ୍ୟବସାୟୀଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଜାଲ ଏଝଞ୍ଚ ଲାଇସେନ୍ସଧାରୀଙ୍କ ଯୋଗୁଁ ପ୍ରକୃତ ବ୍ୟବସାୟୀମାନେ କ୍ଷତି ସହୁଛନ୍ତି । ଏହି ରାକେଟ ପଛରେ କେଉଁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ରହିଛି, ତାହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହେଉଛି । ବର୍ତମାନ ଦେଖିବାକୁ ବାକି ରହିଲା, ଜିଲ୍ଲା ପ୍ରଶାସନ ଓ ବାଣିଜ୍ୟିକ କର ବିଭାଗ ଧାମନଗର ଅଂଚଳର ଏହି କବାଡିଆ ବ୍ୟବସାୟୀଙ୍କ ଉପରେ କେବେ ଚଢ଼ାଉ କରୁଛନ୍ତି । ସୂଚନା ଥାଉକି ଧାମନଗର ଥାନାର ମାତ୍ର ୨ ଶହ ମିଟର ଦୂରରେ ହବିବିନଗର ରେ ପ୍ରାୟ ୨୦ ଟି ବେଆଇନି କବାଡ଼ିଆ ଦୋକାନ ଖୋଲା ଯାଇଥିବା ବେଳେ ମନ୍ଦିର ମସଜିଦି ଓ ରାସ୍ତା କଡରେ କବାଡିଆ ଦୋକାନ ଖୋଲାଯାଇ ଖୋଲମଖୁଲା ଏହି ବେପାର କରାଯାଉଛି । ଧାମନଗର, ଜୟନଗର, ଶ୍ୟାମପୁର, ହବିବିନଗର, ଦୋବଲ, ଖଡ଼ିପଦା, ସେଣ୍ଡପୁର, ଜାହାଙ୍ଗୀର ରୋଡ୍, ଧାମନଗର ଛକ, ଗୁଡପୋଖରୀ, ପନ୍ଦରବାଟିଆ ସମେତ ଗାଁ ଗହଳି ରେ ଏହି ବେପାର କରାଯାଉଚି । ଏ ଦିଗରେ ଚୋରା ବେପାରୀ ମାନେ କୁହନ୍ତି ଥାନା କୁ ମାସିକ ବଟି ଦେଇ ଆମେ ବେପାର କରୁଚୁ ।ତେବେ ସରକାର ଙ୍କ ଆଖିର ଧୂଳି ଦେଇ ବର୍ଷ ବର୍ଷ ଧରି ଏପରି ଟିକସ ଫାଙ୍କି କୋଟିପତି ହେଉଥିବା କଳା ବେପାରୀ ଙ୍କ ପ୍ରତି କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ନିକଟରେ ଧାମନଗର ଥାନା କୁ ନୂଆ ଥାନା ଅଧିକାରି ଯୋଗ ଦେଇଥିବା ବେଳେ ବେଆଇନି କାବଡିଆ ଦୋକାନୀ ଙ୍କ ପ୍ରତି କି କାର୍ଯ୍ୟନୁଷ୍ଠାନ ନେଉଛନ୍ତି ଦେଖିବାକୁ ବାକିରହିଲା ।

13001/334/2526

## OFFICE OF THE SORO MUNICIPALITY, SORO, BALASORE

No. 470    Date - 11/02/2026

## "e" Procurement Notice

**BID Identification No. SOROM_07_2025-26**

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract ,and ,other necessary documents can be seen in Government website i.e. www.tendersodisha.gov.in

| | | |
|---|---|---|
| 1. | Name of the Work | : Construction of Civil work as mentioned in DTCN |
| 2. | No. of works | : 71 nos. |
| 3. | Estimated Cost | : As per Work List |
| 4. | Period of Completion | : 90 days. |
| 5. | Date &Time of availability of Bid documents in the Portal | : 18.02.26 at 10.00 A.M. to 25.02.26 up to 5.00P.M. |
| 6. | Last date & time for receipt of bids in the portal | : 25.02.2026 up to 05:00 P.M. |
| 7. | Bid received online shall be opened on | : 26.02.2026 at 10:00 A.M. |
| 8. | Name and address of the officer inviting Bid | : Executive Officer, Soro Municipality |

Further details can be seen from the procurement portal i.e. www.tendersodisha.gov.in

Sd/-
Executive Officer
Soro Municipality

OIPR.13001/13166/1/25-26/0015











ଜ୍ଞାନ ହେଉଛି ଦରିଦ୍ରର ସଂପଦ, ଧନୀର ସମ୍ମାନ, ଯୁବକର ଭରସା ଓ ବୃଦ୍ଧର ଶାନ୍ତି ତଥା ସୁଖ ।

## ଆଜିକାଲି



ଅଥକେନ ପ୍ରଯୁକ୍ତୋଽୟଂ ପାପଂ ଚରତି ପୁରୁଷଃ ।
ଅନିଚ୍ଛନ୍ନପି ବାର୍ଷ୍ଣେୟ, ବଲାଦିବ ନିୟୋଜିତଃ ।।
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ହେ ହୃଷିକେଶ ! କର୍ମ, ଅକର୍ମ, ନିନ୍ଦା, ସ୍ତୁତି, ପାପପୁଣ୍ୟ, ଭଲମନ୍ଦ, ହାନିଲାଭ, ମଙ୍ଗଳ ଅମଙ୍ଗଳ ଏସବୁ ଜାଣି ମଧ୍ୟ ଲୋକମାନେ କାହା ପ୍ରେରଣାରେ ଏ ପାପ କରନ୍ତି ତାହା ମୋତେ କହନ୍ତୁ ।

## ତମାଖୁ କବଳରେ ଯୁବପିଢ଼ି

ବର୍ତ୍ତମାନ ନିଶା କବଳରେ ଯୁବଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ କବଳିତ । କେବଳ ସେତିକି ନୁହେଁ ଏଥିରେ ମହିଳାମାନେ ମଧ୍ୟ ସଂଯୁକ୍ତ ହେଲେଣି । ନିଶା ସେବନ କରିବେଟେବେଳେ ଜୀବନ ଯେ ମାଟିରେ ମିଶୁଛି ତାହାର କଳନା ନାହିଁ । ବିଡ଼ି, ସିଗାରେଟ୍, ଖଇନି, ଗୁଟଖା ପରି ତମାଖୁ ସେବନ ସମାଜରେ କାୟା ବିସ୍ତାର କଲାଣି । ଏହି ନିଶା କାହାର ଘର ଉଜାଡ଼ି ଦେଉଛି ତ କାହାକୁ ଅକର୍ମଣ୍ୟ କରିବା ସହ ପ୍ରାଣ ମଧ୍ୟ ନେଇ ଯାଉଛି । ଅଳ୍ପ ବୟସର ଶିଶୁ ଓ ପିଲା ଏବଂ ବୃଦ୍ଧ ପିତାମାତାଙ୍କ ଜୀବନ ଯେପରି ବିବାଦ ହୋଇଯାଉଛି । ପୂର୍ବରୁ ବିଷାକ୍ତ ମଦ ପିଇ କେତେକେତେ ଲୋକଙ୍କ ଯେ ଜୀବନ ଚାଲିଯାଉଛି ତାହାର ହିସାବ ନାହିଁ । ନିଶା ଯେ କର୍କଟ ରୋଗର ମୂଳ କାରଣ ଏହା ଜାଣି ମଧ୍ୟ ନିଶାଡ଼ିମାନେ ନିଶା କବଳରୁ ମୁକ୍ତି ପାଇପାରୁ ନାହାନ୍ତି । ପ୍ରତିବର୍ଷ ସରକାର ତମାଖୁ ବର୍ଜନ ଦିବସ ପାଳନ କରୁଛନ୍ତି ସତ ମାତ୍ର ଏହାର ପ୍ରଭାବ ଯେପରି କାହାରି ଉପରେ ପଡୁନାହିଁ । ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ ତଥ୍ୟ ଅନୁଯାୟୀ ପନ୍ଦର ବର୍ଷରୁ ଊର୍ଦ୍ଧ୍ୱ ୧୯.୯ ପ୍ରତିଶତ ପୁରୁଷ ଏବଂ ୧.୪ ପ୍ରତିଶତ ମହିଳା ଗୁଟ୍‌କା ସେବନ କରୁଥିବା ବେଳେ ଓଡ଼ିଶାରେ ୩୧ ପ୍ରତିଶତ ପୁରୁଷ ଏବଂ ୨୬ ପ୍ରତିଶତ ମହିଳା ଗୁଟ୍‌କା ସେବନ କରୁଛନ୍ତି । ଓଡ଼ିଶା ସରକାର ପୂର୍ବରୁ ଗୁଟ୍‌କା ଓ ପାନମସଲା ପ୍ରସ୍ତୁତି ଓ ବିକ୍ରି ସଂପୂର୍ଣ୍ଣ ନିଷିଦ୍ଧ କରିଥିଲେ ମଧ୍ୟ ତାହା କେବଳ ନଥିରେ ସୀମିତ । ଗୁଟକା ପ୍ରସ୍ତୁତକାରୀ ଜନତାଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ନଦେଇ ଅଧିକ ଲାଭବନ ପାଇଁ ନିଶା ପ୍ରସ୍ତୁତ କରିଚାଲିଛନ୍ତି । ତେବେ ସରକାର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ହିତକୁ ବିଚାର କରି ଗୁଟ୍‌କା ପ୍ରସ୍ତୁତ ଏବଂ ବିକ୍ରି ଉପରେ କଠୋର ଆଇନ ଆଣିବା ସହ ଠିକ୍ ଭାବେ କାର୍ଯ୍ୟକାରୀ କରିବ ପାରିଲେ ଓଡ଼ିଶାରେ ଦେଖାଦେଉଥିବା ମଦ ଓ ନିଶାସେବନ ଜନୀତ ମୃତ୍ୟୁ ଓ ପରିବାର ଅଶାନ୍ତିର ନିଶ୍ଚିତ ଭାବେ ବନ୍ଦ ହୋଇପାରନ୍ତା ।

## କହିଲ ଦେଖି

ଦେହ ସାରା କଂଟା ପେଟରେ ଅଠା
ଖାଇଲେ ଲାଗଇ ମିଠା
ସାବିତ୍ରୀ, ରଜରେ ଭାର ଦିଆଯାଏ
ଏହି ଫଳ ନାମ କହିବ ଯିଏ
ସୁନା ପିଲାଟିଏ ହୋଇବ ସିଏ

ଉତର- ପଣସ



## ଚାଣକ୍ୟ ଉବାଚ



✦ କାଷ୍ଠଂ କଳ୍ପତରୁ ସୁମେରୁରଚଲ ଶ୍ଚିନ୍ତାମଣିଃ ପ୍ରସ୍ତରଃ ।
ସୂର୍ଯ୍ୟ ସ୍ତୀବ୍ରକରଃ ଶଶୀ କ୍ଷୟକରଃ କ୍ଷାରୋ ହି ବାରାଂ ନିଧିଃ ।।
କାମୋ ନଷ୍ଟତନୁ ର୍ବଳି ର୍ଦିତିସୁତୋ ନିତ୍ୟଂ ପଶୁଃ କାମଗୌ
ର୍ନୈତାଂସ୍ତେ ତୁଲୟାମି ଭୋ ରଘୁପତେ ! କସ୍ୟୋପମା ଦୀୟତେ ।।

ବୋଧାମୃତ : (ସ୍ୱର୍ଗର) କଳ୍ପବୃକ୍ଷ (ଇଚ୍ଛା ପୂରକ ହେଲେ ମଧ୍ୟ) ହହେଉଛି କାଠ ମାତ୍ର । (ହେ ରଘୁପତି, ଏଥିପାଇଁ ତାକୁ ତୁମ ସହ ତୁଳନା କରୁନାହିଁ) ସୁମେରୁ (ଜଗତର ଶ୍ରେଷ୍ଠ ମଣି ହେଲେ ମଧ୍ୟ) ପଥରଟାଏ । ସୂର୍ଯ୍ୟ ( ଜଗତ୍ କଲ୍ୟାଣକାରୀ ହେଲେ ମଧ୍ୟ) କିରଣରେ ଭାରି ତୀବ୍ର । ଚନ୍ଦ୍ର (ସୁନ୍ଦର ହେଲେ ବି) ତା'ର କିରଣ କ୍ଷୟିତ ହୋଇ ଯାଉଥାଏ । ସମୁଦ୍ର (ବିଶାଳ ହେଲେ ବି) ଲବଣମୟ, କନ୍ଦର୍ପ (ସୁନ୍ଦରତମ ହେଲେ ବି) ବିଦେହ, ବଳି (ମହାଦାନୀ ହେଲେ ମଧ୍ୟ) ରାକ୍ଷସ (ରାକ୍ଷସ ମାତା ଦିତିଙ୍କର ପୁତ୍ର), କାମଧେନୁ (ସର୍ବାଭିଳାଷ ପୂରୟିତ୍ରୀ ହେଲେ ମଧ୍ୟ) ସର୍ବଦା ଏକ ପଶୁମାତ୍ର ହେ ରାଘବ ! ତୁମର ବର୍ଣ୍ଣନା ପାଇଁ (କିଛି ନା କିଛି ଦୋଷ ଥିବା) ଏମାନଙ୍କ ସହ ତୁମର ତୁଳନା ମୁଁ କରିବି ନାହିଁ (ତୁମର ଶ୍ରେଷ୍ଠତା ଓ ନିର୍ଦ୍ଦୋଷତାକୁ ଦେଖି ବୁଝି ହେଉ ନାହିଁ) ତୁମ ପାଇଁ କାହାର ଉପମା ଦିଆଯାଇ ପାରେ ।

✦ ମୁହୂର୍ତମପି ଜୀବେ ନରଃ ଶୁକ୍ଲେନ କର୍ମଣା ।
ନ କଳ୍ପମପି କଷ୍ଟେନ ଲୋକଦ୍ୱୟ-ବିରୋଧିନା ।।

ବୋଧାମୃତ : ଯଦି କ୍ଷଣେମାତ୍ର ଜୀଇଁବାର ଅଛି, ତେବେ ଶୁଦ୍ଧ (ପୁଣ୍ୟ) କର୍ମ ଦ୍ୱାରା ଜଜୀଇଁବା ଉଚିତ୍ । କିନ୍ତୁ (ସ୍ୱର୍ଗ ଓ ମର୍ତ୍ତ୍ୟ) ଉଭୟ ଲୋକ ବିରୋଧି ପାପକର୍ମରେ ଏକ କଳ୍ପ ପର୍ଯ୍ୟନ୍ତ ମଧ୍ୟ ବତି ରହିବା ଶ୍ରେୟସ୍କର ନୁହେଁ ।

ସଂଯୁକ୍ତା : ଗୋଟିଏ କଳ୍ପ ହେଉଛି ଜଗତର ଆୟୁଷ । ଜଗତ ସୃଷ୍ଟି ହୋଇ ଧ୍ୱଂସ ହେବା ଯାଏ ସମୟାବଧିକୁ କଳ୍ପ କହନ୍ତି । ଏହା ବ୍ରହ୍ମାଙ୍କର ଗୋଟିଏ ଦିନ ସହ ଓ ଜଗତର ଏକ ହଜାର ଯୁଗ ସହ ଅଥବା ୪୩୨ ନିୟୁତ ମାନବ ବର୍ଷ ସହ ସମାନ । ଆମେ ଏବେ ଯେଉଁ କଳ୍ପରେ ଜନ୍ମ ନେଇଛେ, ତା'ର ନାମ ଶ୍ୱେତ ବରାହ କଳ୍ପ ।

+++

# ଦିବ୍ୟଜନନୀ ଶ୍ରୀମା

◆ ପ୍ରଫେସର ଡାକ୍ତର ମଦନ ମୋହନ ସାହୁ

୧୮୭୮, ଫେବୃୟାରୀ ୨୧ରେ ଶ୍ରୀମା ପ୍ୟାରିସ୍ ସହରରେ ଜନ୍ମଗ୍ରହଣ କରିଥିଲେ । ଏକ ଧନାଢ଼୍ୟ ପରିବାରରେ ଜନ୍ମଗ୍ରହଣ କରିଲେ ମଧ୍ୟ ତାଙ୍କ ମନରେ କେବେ ଗର୍ବ, ଅହଂକାର ବସାବାନ୍ଧି ପାରିନଥିଲା । ତୁଳସୀ ଦୁଇପତ୍ରରୁ ବାସିବା ପରି ସେ ନିଜ ଜ୍ଞାନ ବୁଦ୍ଧି ବଳରେ ସାରା ସଂସାରକୁ ଆଲୋକ ଦେଖାଇଛନ୍ତି । ହେଲେ ମା'ଙ୍କ ପୂର୍ବ ଜନ୍ମର ଇତିହାସ କହିବା ସହଜ ନୁହେଁ । ସେ ନିଜେ କହିଥିବା କଥାରୁ କେତୋଟି ଜନମୁଖରେ ଶୁଣାଯାଏ । ୭ବର୍ଷ ପର୍ଯ୍ୟନ୍ତ ସେ ଲେଖା ପଢ଼ା ଶିଖି ନଥିଲେ । ହେଲେ ୪ ବର୍ଷରୁ ସେ ଯୋଗ ସାଧନା ଆରମ୍ଭ କରିଥିଲେ । ଦିନେ ହଠାତ୍ ଏକ ବିରାଟ ଆଲୋକ ରଶ୍ମି ଆସି ତାଙ୍କ ମସ୍ତିଷ୍କରେ ପ୍ରବେଶ କରି ଓଲଟ ପାଲଟ ହେଉଥାଏ । ସେତେବେଳେ ସେ କିଛି ଜାଣିପାରୁ ନଥିଲେ । ତଥାପି ତାଙ୍କର ହୃଦ୍‌ବୋଧ ହେଉଥିଲା ଭବିଷ୍ୟତରେ ଏକ ବଡ଼ କାମ ତାଙ୍କ ଦ୍ୱାରା ହେବାର ଅଛି । ୧୯୨୦ ସାଲରେ ମା'ଙ୍କୁ କେହି ଜଣେ ପ୍ରଶ୍ନ କରିଥିଲେ ସେ ଭାରତକୁ ଆସିଲେ କାହିଁକି ? ଶ୍ରୀ ଅରବିନ୍ଦଙ୍କୁ ଜାଣିଲେ କିପରି ? ମା' ତାହାର ଉତର ଖଣ୍ଡିଏ ପତ୍ରରେ ଦେଇଥିଲେ । ସେଥିରେ ମା' ଉଲ୍ଲେଖ କରିଥିଲେ ଯେ ସେ କୌଣସି ବିଶେଷ ଭଗବତ୍ କର୍ମ ସମ୍ପାଦନ ଉଦ୍ଦେଶ୍ୟରେ ପ୍ରେରିତ ହୋଇଛନ୍ତି । ତାଙ୍କ ଉଦ୍ଦିଷ୍ଟ କର୍ମ ସମ୍ବନ୍ଧରେ ପ୍ରଥମ ଜ୍ଞାନ କେବେ ଆସିଲା ସେ ବିଷୟରେ ମା' କହିପାରିନଥିଲେ । ହେଲେ ମନ ଓ ମସ୍ତିଷ୍କର ପରିପକ୍ୱତା ସହ ସେହି ଚେତନା କ୍ରମଶଃ ପରିସ୍ଫୁଟ ଓ ପ୍ରତିଫଳିତ ହୋଇଥିଲା । ୧୧ରୁ ୧୩ ବର୍ଷ ମଧ୍ୟରେ ଶ୍ରୀମା'ଙ୍କ ମଧ୍ୟରେ ଆପେ ଆପେ ଆଧ୍ୟାତ୍ମିକ ଅନୁଭୂତି ଆସିଲା । ଏହାଫଳରେ ସେ ଭଗବାନଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ମିଳନ ସମ୍ଭବ ନିଶ୍ଚିତ ବୋଲି ଜାଣିଲେ । ଦିବ୍ୟଜୀବନ ଲାଭ ଦ୍ୱାରା ଜଗତରେ ତାଙ୍କୁ ଅଭିବ୍ୟକ୍ତ କରିପାରିବା ମଧ୍ୟ ସମ୍ଭବ ହେବ । ଏହି ଅନୁଭୂତିକୁ କିପରି ସାର୍ଥକ ଓ କାର୍ଯ୍ୟକାରୀ କରିହେବ, ତାହା ସେ ଶୋଇବା ଅବସ୍ଥାରେ ଶିକ୍ଷା କରୁଥିଲେ । ୧୯୧୪, ମାର୍ଚ୍ଚ ୨୯ରେ ଶ୍ରୀମା ପଣ୍ଡିଚେରୀରେ ପଦାର୍ପଣ କରୁଥିଲେ । ସେଦିନ ଶ୍ରୀମା ଶ୍ରୀଅରିବନ୍ଦଙ୍କ ପ୍ରଥମ ଦର୍ଶନ ଲାଭ କରିଥିଲେ । ଶ୍ରୀମା କହିଥିଲେ ଶ୍ରୀ ଅରବିନ୍ଦ ହେଉଛନ୍ତି ପ୍ରତ୍ୟକ୍ଷ ଦିବ୍ୟସ□ା ସମ୍ପନ୍ନ ଠାକୁର । ସେ ସଂସାରରେ ଜନ୍ମ ନେଇଛନ୍ତି ମାନବର ଦୁଃଖ-ସୁଖ, ଭଲ-ମନ୍ଦ ବୁଝିବା ପାଇଁ । ଶ୍ରୀମା ମଧ୍ୟ ବହୁବାର ଶ୍ରୀ ଅରବିନ୍ଦଙ୍କର ଭଗବତ୍ ସଂଚାର ପ୍ରତ୍ୟକ୍ଷ ଅନୁଭବ କରିଛନ୍ତି । ୧୯୨୦ରେ ଶ୍ରୀମା ପଣ୍ଡିଚେରୀ ଆଶ୍ରମର ସମସ୍ତ ଦାୟିତ୍ୱ ନେଲେ । ୪୨ ବର୍ଷ ବୟସରୁ ମା' ପଣ୍ଡିଚେରୀରେ ସ୍ଥାୟୀ ଭାବେ ବସବାସ କରିଲେ । ସେଠାରେ ମା' ଯେଉଁ ଶିକ୍ଷା ଦେଉଥିଲେ, ତାହାଥିଲା ସ୍ୱତନ୍ତ୍ର । ମା' କହୁଥିଲେ ଦେହ, ମନ, ପ୍ରାଣ, ଆତ୍ମା ଏବଂ ଆଧ୍ୟାତ୍ମିକ ଦିଗ ପ୍ରତି ଦୃଷ୍ଟି ଦେଲେ ଜଣେ ଶିକ୍ଷାକୁ ପୂର୍ଣ୍ଣାଙ୍ଗ ରୂପ ଦେଇ ପାରିବ । ତାଙ୍କ ମତରେ ଫୁଲ ହିଁ ମଣିଷର ପ୍ରକୃତ ମାର୍ଗଦର୍ଶକ । ମା'ଙ୍କ ପାଖରେ କେହି ଫୁଲ ଅର୍ଘ୍ୟ ଦେଲେ ମା' ମଧ୍ୟ ଅନୁରୂପକ ଭାବେ ତାଙ୍କୁ ଫୁଲରେ ଆଶୀର୍ବାଦ ଦେଉ ଥିଲେ । ମନୁଷ୍ୟ ଯେପରି ପୁରୁଣା ବସ୍ତ୍ର ତ୍ୟାଗ କରି ନୂଆ ବସ୍ତ୍ର ଗ୍ରହଣ କରେ, ଜୀବାତ୍ମା ଠିକ୍ ସେପରି ଗୋଟିଏ ଘଟକୁ ତ୍ୟାଗ କରି ଅନ୍ୟ ଏକ ନୂତନ ଘଟରେ ପ୍ରବେଶ କରେ । ସେ ଦିନ ୧୯୭୩, ନଭେମ୍ବର ୧୭ ତାରିଖ । ସେତବେଳକୁ ବୟସ ତାଙ୍କୁ ୯୬ ବର୍ଷ । ମା'ଙ୍କ ସ୍ଥୁଳ ଦେହ ଧୀରେ ଧୀରେ କ୍ଷୀଣ ହେବାକୁ ଲାଗିଲା । ମା'ସବୁ ଦିନ ପାଇଁ ଆରପାରିକୁ ବାଟ କାଟିଲେ ମା'ଙ୍କ ଅନ୍ତର୍ଦ୍ଧାନ ଖବର ଶୁଣିବିଶ୍ୱର ଚାରିଆଡ଼େ ଶୋକର ଛାୟା ଖେଳିଗଲା । ହେଲେ ଶ୍ରୀମା ଆଧ୍ୟାତ୍ମିକବାଦୀ ମଣିଷ ପାଇଁ ଯେଉଁ ଦିଶା ଦେଖାଇଛନ୍ତି, ତାହା ଅବିସ୍ମରଣୀୟ ।

*ଅସ୍ଥିଶଲ୍ୟ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

# ଶ୍ରୀ ମା'ଙ୍କ ପୂଣ୍ୟ ଜୟନ୍ତୀ ଅବସରରେ

◆ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ



ଭାରତୀୟ ଆଧ୍ୟାତ୍ମିକ ଗୁରୁ ଶ୍ରୀ ମା' । ତାଙ୍କ ପ୍ରକୃତ ନାମ ମୀରା ଅଲ୍‌ଫାସା । ପିଲା ଦିନୁ ମହାପୁରୁଷମାନଙ୍କୁ ସାକ୍ଷାତ କରି ସେମାନଙ୍କ ସହ ଆଧ୍ୟାତ୍ମିକ ଆଲୋଚନା କରୁଥିଲେ । ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କ ଦର୍ଶନ କରିବା ପରେ ନିଜକୁ ତାଙ୍କଠାରେ ସମର୍ପି ଦେଲେ । ସୂଚନାଥାଉକି ୧୮୭୮, ଫେବୃୟାରୀ ୨୧ରେ ଶ୍ରୀମା ପ୍ୟାରିସ୍ ସହରରେ ଜନ୍ମଗ୍ରହଣ କରିଥିଲେ । ଏକ ଧନାଢ଼୍ୟ ପରିବାରରେ ଜନ୍ମଗ୍ରହଣ କରିଲେ ମଧ୍ୟ ତାଙ୍କ ମନରେ କେବେ ଗର୍ବ, ଅହଂକାର ବସାବାନ୍ଧି ପାରିନଥିଲା । ତୁଳସୀ ଦୁଇପତ୍ରରୁ ବାସିବା ପରି ସେ ନିଜ ଜ୍ଞାନ ବୁଦ୍ଧି ବଳରେ ସାରା ସଂସାରକୁ ଆଲୋକ ଦେଖାଇଛନ୍ତି । ଏହାପରେ ଶ୍ରୀ ମା'ଙ୍କ ତତ୍ତ୍ୱାବଧାନରେ ପଣ୍ଡିଚେରୀ ଆଶ୍ରମ ପରିଚାଳିତ ହେଲା । ୧୯୨୬ ଶେଷ ବେଳକୁ ଆଶ୍ରମର ସବୁ ଦାୟିତ୍ୱ ତାଙ୍କୁ ସମର୍ପଣ କରି ଶ୍ରୀଅରବିନ୍ଦ ଅନ୍ତରାଳକୁ ଚାଲିଗଲେ । ତାଙ୍କ ଦେହାନ୍ତ ପରେ ମାନସିକ ଆଘାତ ହୋଇଥିଲେ ହେଁ ଶ୍ରୀ ମା'ଙ୍କ ସାଧନାରେ କୌଣସି ବ୍ୟାଘାତ ଆସି ନଥିଲା । ବିଶ୍ୱର କୋଣ ଅନୁକୋଣରୁ ସାଧକଙ୍କ ସଂଖ୍ୟା ବଢ଼ି ଚାଲିଥିଲା । ଆଶ୍ରମ ବିଦ୍ୟାଳୟ ଥିଲା ମା'ଙ୍କର ପ୍ରମୁଖ ଅବଦାନ । ୧୯୬୨ରୁ ମା' ହୃଦ୍‌ରୋଗରେ ପଡ଼ିଲେ । ଅସୁସ୍ଥତା ସତ୍ତ୍ୱେ ତାଙ୍କ ସାଧନା ଓ ଆଶ୍ରମର ଦୈନନ୍ଦିନ କାର୍ଯ୍ୟ ସୁଚାରୁରୂପେ ଚାଲିଥିଲା । ୧୯୭୩ ନଭେମ୍ବର ୧୭ ରାତିରେ ମା'ଇହଲୋକ ତ୍ୟାଗ କଲେ । ନିଷ୍ଠାର ସହ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିବା ବ୍ୟକ୍ତି ନିକଟରେ କୌଣସି କାର୍ଯ୍ୟ କଷ୍ଟସାଧ ନୁହେଁ ବୋଲି ସେ କହିଥିଲେ । ୧୯୨୦ ସାଲରେ ମା'ଙ୍କୁ କେହି ଜଣେ ପ୍ରଶ୍ନ କରିଥିଲେ ସେ ଭାରତକୁ ଆସିଲେ କାହିଁକି ? ଶ୍ରୀ ଅରବିନ୍ଦଙ୍କୁ ଜାଣିଲେ କିପରି ? ମା' ତାହାର ଉତର ଖଣ୍ଡିଏ ପତ୍ରରେ ଦେଇଥିଲେ । ସେଥିରେ ମା' ଉଲ୍ଲେଖ କରିଥିଲେ ଯେ ସେ କୌଣସି ବିଶେଷ ଭଗବତ୍ କର୍ମ ସମ୍ପାଦନ ଉଦ୍ଦେଶ୍ୟରେ ପ୍ରେରିତ ହୋଇଛନ୍ତି । ତାଙ୍କ ଉଦ୍ଦିଷ୍ଟ କର୍ମ ସମ୍ବନ୍ଧରେ ପ୍ରଥମ ଜ୍ଞାନ କେବେ ଆସିଲା ସେ ବିଷୟରେ ମା' କହିପାରିନଥିଲେ । ହେଲେ ମନ ଓ ମସ୍ତିଷ୍କର ପରିପକ୍ୱତା ସହ ସେହି ଚେତନା କ୍ରମଶଃ ପରିସ୍ଫୁଟ ଓ ପ୍ରତିଫଳିତ ହୋଇଥିଲା । ୧୧ରୁ ୧୩ ବର୍ଷ ମଧ୍ୟରେ ଶ୍ରୀମା'ଙ୍କ ମଧ୍ୟରେ ଆପେ ଆପେ ଆଧ୍ୟାତ୍ମିକ ଅନୁଭୂତି ଆସିଲା । ଏହାଫଳରେ ସେ ଭଗବାନଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ମିଳନ ସମ୍ଭବ ନିଶ୍ଚିତ ବୋଲି ଜାଣିଲେ । ଦିବ୍ୟଜୀବନ ଲାଭ ଦ୍ୱାରା ଜଗତରେ ତାଙ୍କୁ ଅଭିବ୍ୟକ୍ତ କରିପାରିବା ମଧ୍ୟ ସମ୍ଭବ ହେବ । ଏହି ଅନୁଭୂତିକୁ କିପରି ସାର୍ଥକ ଓ କାର୍ଯ୍ୟକାରୀ କରିହେବ, ତାହା ସେ ଶୋଇବା ଅବସ୍ଥାରେ ଶିକ୍ଷା କରୁଥିଲେ । ୧୮୭୮ ଫେବୃଆରୀ ୨୧ରେ ଶ୍ରୀ ମା'ପ୍ୟାରିସ୍‌ରେ ଜନ୍ମ ଗ୍ରହଣ କରିଥିଲେ ।

*ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ : ୯୪୩୭୧୨୪୦୭୪*

# ଶ୍ରୀ ମା'

◆ଶ୍ୟାମ ସୁନ୍ଦର ସାମଲ



ଭାରତୀୟ ଆଧ୍ୟାତ୍ମିକ ଗୁରୁ ଶ୍ରୀ ମା' । ତାଙ୍କ ପ୍ରକୃତ ନାମ ମୀରା ଅଲ୍‌ଫାସା । ପିଲା ଦିନୁ ମହାପୁରୁଷମାନଙ୍କୁ ସାକ୍ଷାତ କରି ସେମାନଙ୍କ ସହ ଆଧ୍ୟାତ୍ମିକ ଆଲୋଚନା କରୁଥିଲେ । ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କ ଦର୍ଶନ କରିବା ପରେ ନିଜକୁ ତାଙ୍କଠାରେ ସମର୍ପି ଦେଲେ । ସୂଚନାଥାଉକି ୧୮୭୮, ଫେବୃୟାରୀ ୨୧ରେ ଶ୍ରୀମା ପ୍ୟାରିସ୍ ସହରରେ ଜନ୍ମଗ୍ରହଣ କରିଥିଲେ । ଏକ ଧନାଢ଼୍ୟ ପରିବାରରେ ଜନ୍ମଗ୍ରହଣ କରିଲେ ମଧ୍ୟ ତାଙ୍କ ମନରେ କେବେ ଗର୍ବ, ଅହଂକାର ବସାବାନ୍ଧି ପାରି ନଥିଲା । ତୁଳସୀ ଦୁଇପତ୍ରରୁ ବାସିବା ପରି ସେ ନିଜ ଜ୍ଞାନ ବୁଦ୍ଧି ବଳରେ ସାରା ସଂସାରକୁ ଆଲୋକ ଦେଖାଇଛନ୍ତି । ଏହାପରେ ଶ୍ରୀ ମା'ଙ୍କ ତତ୍ତ୍ୱାବଧାନରେ ପଣ୍ଡିଚେରୀ ଆଶ୍ରମ ପରିଚାଳିତ ହେଲା । ୧୯୨୬ ଶେଷ ବେଳକୁ ଆଶ୍ରମର ସବୁ ଦାୟିତ୍ୱ ତାଙ୍କୁ ସମର୍ପଣ କରି ଶ୍ରୀଅରବିନ୍ଦ ଅନ୍ତରାଳକୁ ଚାଲି ଗଲେ । ତାଙ୍କ ଦେହାନ୍ତ ପରେ ମାନସିକ ଆଘାତ ହୋଇଥିଲେ ହେଁ ଶ୍ରୀ ମା'ଙ୍କ ସାଧନାରେ କୌଣସି ବ୍ୟାଘାତ ଆସି ନଥିଲା । ବିଶ୍ୱର କୋଣ ଅନୁକୋଣରୁ ସାଧକଙ୍କ ସଂଖ୍ୟା ବଢ଼ି ଚାଲିଥିଲା । ଆଶ୍ରମ ବିଦ୍ୟାଳୟ ଥିଲା ମା'ଙ୍କର ପ୍ରମୁଖ ଅବଦାନ । ୧୯୬୨ରୁ ମା' ହୃଦ୍‌ରୋଗରେ ପଡ଼ିଲେ । ଅସୁସ୍ଥତା ସତେତ୍ୱ ତାଙ୍କ ସାଧନା ଓ ଆଶ୍ରମର ଦୈନନ୍ଦିନ କାର୍ଯ୍ୟ ସୁଚାରୁରୂପେ ଚାଲିଥିଲା । ୧୯୭୩ ନଭେମ୍ବର ୧୭ ରାତିରେ ମା'ଇହଲୋକ ତ୍ୟାଗ କଲେ । ନିଷ୍ଠାର ସହ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିବା ବ୍ୟକ୍ତି ନିକଟରେ କୌଣସି କାର୍ଯ୍ୟ କଷ୍ଟସାଧ ନୁହେଁ ବୋଲି ସେ କହିଥିଲେ । ୧୯୨୦ ସାଲରେ ମା'ଙ୍କୁ କେହି ଜଣେ ପ୍ରଶ୍ନ କରିଥିଲେ ସେ ଭାରତକୁ ଆସିଲେ କାହିଁକି ? ଶ୍ରୀ ଅରବିନ୍ଦଙ୍କୁ ଜାଣିଲେ କିପରି ? ମା' ତାହାର ଉତର ଖଣ୍ଡିଏ ପତ୍ରରେ ଦେଇଥିଲେ । ସେଥିରେ ମା' ଉଲ୍ଲେଖ କରିଥିଲେ ଯେ ସେ କୌଣସି ବିଶେଷ ଭଗବତ୍ କର୍ମ ସମ୍ପାଦନ ଉଦ୍ଦେଶ୍ୟରେ ପ୍ରେରିତ ହୋଇଛନ୍ତି । ତାଙ୍କ ଉଦ୍ଦିଷ୍ଟ କର୍ମ ସମ୍ବନ୍ଧରେ ପ୍ରଥମ ଜ୍ଞାନ କେବେ ଆସିଲା ସେ ବିଷୟରେ ମା' କହିପାରିନଥିଲେ । ହେଲେ ମନ ଓ ମସ୍ତିଷ୍କର ପରିପକ୍ୱତା ସହ ସେହି ଚେତନା କ୍ରମଶଃ ପରିସ୍ଫୁଟ ଓ ପ୍ରତିଫଳିତ ହୋଇଥିଲା । ୧୧ରୁ ୧୩ ବର୍ଷ ମଧ୍ୟରେ ଶ୍ରୀମା'ଙ୍କ ମଧ୍ୟରେ ଆପେ ଆପେ ଆଧ୍ୟାତ୍ମିକ ଅନୁଭୂତି ଆସିଲା । ଏହାଫଳରେ ସେ ଭଗବାନଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ମିଳନ ସମ୍ଭବ ନିଶ୍ଚିତ ବୋଲି ଜାଣିଲେ । ଦିବ୍ୟଜୀବନ ଲାଭ ଦ୍ୱାରା ଜଗତରେ ତାଙ୍କୁ ଅଭିବ୍ୟକ୍ତ କରିପାରିବା ମଧ୍ୟ ସମ୍ଭବ ହେବ । ଏହି ଅନୁଭୂତିକୁ କିପରି ସାର୍ଥକ ଓ କାର୍ଯ୍ୟକାରୀ କରିହେବ, ତାହା ସେ ଶୋଇବା ଅବସ୍ଥାରେ ଶିକ୍ଷା କରୁଥିଲେ । ୧୯୭୮ ଫେବୃଆରୀ ୨୧ରେ ଶ୍ରୀ ମା' ପ୍ୟାରିସ୍‌ରେ ଜନ୍ମ ଗ୍ରହଣ କରିଥିଲେ ।

*ପୂର୍ବତନ କେନ୍ଦ୍ରାଂଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ : ୯୭୭୮୬୩୫୯୨୬*

# ଶ୍ରୀମା- ଶ୍ରୀ ଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ

ଶ୍ରୀମା ଶ୍ରୀଅରବିନ୍ଦ ୧୯୫୫ରେ ପ୍ରତିଷ୍ଠା କରିଥିବା ଆଶ୍ରମ ସମଗ୍ର ବିଶ୍ୱବାସୀଙ୍କୁ କେବଳ ଆଧ୍ୟାତ୍ମ ଚେତନାରେ ଉଦ୍‌ବୁଦ୍ଧ କରିନାହିଁ, ନୂତନ ଦିଗ୍‌ଦର୍ଶନ ଦେବାରେ ମଧ୍ୟ ଅତୁଳନୀୟ ସ୍ଥାନ ହାସଲ କରିଛି । ପ୍ରକୃତରେସେମାନେ ଏଭଳି ଏକ ଆଶ୍ରମ ପ୍ରତିଷ୍ଠା ପାଇଁ ୧୯୨୬ ମସିହାରୁ ଚିନ୍ତା କରୁଥିଲେ । ୨୪ ଜଣ ଶିଷ୍ୟଙ୍କୁ ନେଇ ମୀରା ଆଲଫାସ (ପରେ ଯିଏ ଶ୍ରୀମା ଭାବେ ଖ୍ୟାତି ଅର୍ଜନ କରିଥିଲେ) ପ୍ରଥମେ ଆରମ୍ଭ କରିଥିଲେ ଏହି ଆଶ୍ରମ । ଆଶ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗଶକ୍ତିର ବିକାଶ- ଯାହା ମଣିଷକୁ ମାନବିକତା ପାଇଁ କାର୍ଯ୍ୟ କରିବାକୁ ପ୍ରେରିତ କରିଥାଏ । ସତ୍-ଚିତ୍-ଆନନ୍ଦ ପ୍ରାପ୍ତି ପାଇଁ ମାର୍ଗ ଦେଖାଇବାର ପ୍ରକୃତ ସ୍ଥାନ ହେଉଛି ଏହି ଆଶ୍ରମ ।



*ଶ୍ରୀଅରବିନ୍ଦ ଓ ଶ୍ରୀମା :* ବିରଳ ଆଧ୍ୟାତ୍ମିକ ଶକ୍ତିର ଆଧାର ଶ୍ରୀମା ଓ ଶ୍ରୀଅରବିନ୍ଦ ସ୍ୱାର୍ଥରହିତ କାର୍ଯ୍ୟର ପ୍ରବକ୍ତା । କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ' ହିଁ ସେମାନଙ୍କର ଆଦର୍ଶ ବାକ୍ୟ । ଏହାକୁ ସେ ସାରା ମାନବଜଗତକୁ ଶିଖାଇବାକୁ ଚେଷ୍ଟା କରୁଥିଲେ । ଏବେମଧ ଏହା ଏହି ଆଶ୍ରମର କାର୍ଯ୍ୟଧାରାରେ ପ୍ରତିଫଳିତ । ତେଣୁ ଏହା କେବଳ ଏକ ପର୍ଯ୍ୟଟନସ୍ଥଳୀ ନୁହେଁ, ଏକ ଅନନ୍ୟ ଆଧ୍ୟାତ୍ମିକ କ୍ଷେତ୍ର ଭାବେ ସାରା ବିଶ୍ୱରେ ପ୍ରସିଦ୍ଧିଲାଭ କରିଛି ।

*ମାତୃମନ୍ଦିର :* ଶ୍ରୀଅରବିନ୍ଦ ଆଶ୍ରମର ସାଧକଙ୍କ ପାଇଁ ଏହା ଏକ ଅତି ମହତ୍ୱପୂର୍ଣ୍ଣ ସ୍ଥାନ । ଯେଉଁମାନେ ପ୍ରଥମ କରି ଆଶ୍ରମକୁ ଆସିଥାନ୍ତି, ସେମାନଙ୍କୁ ଏଠାକୁ ଅଣାଯାଇନଥାଏ ।

*ଆଶ୍ରମ :* ଆଶ୍ରମରେ ସୁସ୍ଥ ଓ ପ୍ରଫୁଲ୍ଲ ମଣିଷମାନେ କିଭଳି ଈଶ୍ୱରଙ୍କ ଆଶୀର୍ବାଦ ପାଇବେ ଓ ସାରା ଜଗତରେ ସୁଖ ବାଂଟିବାରେ ଲାଗିବେ, ସେଥିପାଇଁ ସବୁବେଳେ କାର୍ଯ୍ୟକ୍ରମ ଲାଗି ରହିଥାଏ । ଏଠାକାର ସାଧକମାନଙ୍କ ମୂଳ ଲକ୍ଷ୍ୟ ଏଭଳି ଏକ ପୃଥିବୀ ପ୍ରତିଷ୍ଠା କରିବା, ଯେଉଁଠି ସବୁ ମଣିଷ ସମାନ ଅଧିକାର ପାଉଥିବେ, ସମସ୍ତେ ସମାନଭାବେ ସୁଖୀ ରହିଥିବେ, ସଭିଏଁ ସମାନ ସ୍ୱାଧୀନତା ଉପଭୋଗ କରୁଥିବେ । ମନ ଓ ଶରୀରର ସୁସ୍ଥତା ପାଇଁ ଏଠାରେ ଯଥେଷ୍ଟ ଧ୍ୟାନ ଦିଆଯାଏ ।

*ଆଶ୍ରମରେ ଦୈନନ୍ଦିନ କାର୍ଯ୍ୟ :* ଭୋରରୁ ହିଁ ଆଶ୍ରମର ସାଧନା କାର୍ଯ୍ୟ ଆରମ୍ଭ ହୋଇଯାଏ । ୬ଟା ପୂର୍ବରୁ ହିଁ ସାଧକମାନେ ଧ୍ୟାନ ଶେଷ କରିସାରିଥାନ୍ତି । ଏହାପରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅମୃତବାଣୀ ସବୁ ପାଠ କରାଯାଏ । ଓ ଯୋଗଶିକ୍ଷା ଦିଆଯାଏ । ଏହି ଆଶ୍ରମରେ ଥିବା ସାଧକମାନେ କେବଳ ଯେ ଯୋଗ କରନ୍ତି ତାହା ନୁହେଁ, ରୋଷେଇ, ବଗିଚାକାମ, ଡାକ୍ତରଖାନା, ଚାଷଜମି, ଆର୍ଟଗ୍ୟାଲେରି, ଖେଳପଡ଼ିଆ ଇତ୍ୟାଦିରେ ମଧ୍ୟ କାମ କରାଯାଇଥାଏ । ଆଶ୍ରମରେ ଲାଇବ୍ରେରୀ, ଆୟୁର୍ବେଦୀୟ କେନ୍ଦ୍ର, ଫଟୋ ସେକ୍ସନ, ସଂସ୍କୃତ ବିଭାଗ, ଥିଏଟର, ନୃତ୍ୟ ଓ ସଂଗୀତ ପ୍ରକୋଷ୍ଠ, ଏମ୍ବ୍ରୟଡୋରି ବିଭାଗ, ବିଶ୍ରାମଶାଳା ଆଦି ବିଭିନ୍ନ ବିଭାଗ ରହିଛି । ସାଧକମାନେ ହିଁ ଏହାର ତତ୍ତ୍ୱାବଧାନରେ ରହନ୍ତି ।

# ବାମାଚରଣ ମିତ୍ର

◆ ବାଦଲ ଭୂୟାଁ



ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟକୁ ବାମାଚରଣ ମିତ୍ରଙ୍କ ଅବଦାନ ଅତୁଳନୀୟ । ପ୍ରାକ୍-ସ୍ୱାଧୀନତା କାଳରେ ସେ ସାହିତ୍ୟ ସୃଷ୍ଟି ଆରମ୍ଭ କରିଥିଲେ ହେଁ, ସ୍ୱାଧୀନତା ପରବର୍ତ୍ତୀ ଅନ୍ୟୁନ ଚଉଠ ଶତକ, ତାଙ୍କ ସାଧନା ଓ ଉତ୍କର୍ଷର ସମୟ । ସେ ଥିଲେ ସରକାରୀ ପ୍ରଶାସକ । ଚାକିରିରେ ବଦଳି ସାଧାରଣ ଥିଲା । ତେବେ ଭୁବନେଶ୍ୱର ରହଣି କାଳରେ, ସାହିତ୍ୟ ସଂସ୍କୃତି ବିଷୟକ ଏକ ଅନ୍ତରଙ୍ଗ ଚର୍ଚ୍ଚାର ବଳୟ ଗୋପୀନାଥ ମହାନ୍ତିଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିଲା । ଏହି ବଳୟରେ ବାମାଚରଣ ସାମିଲ ହୋଇ, ମହାପାତ୍ର ନୀଳମଣି ସାହୁ, ଅଖିଳ ମୋହନ ପଟ୍ଟନାୟକ, ଶାନ୍ତନୁ ଆଚାର୍ଯ୍ୟ, କୃଷ୍ଣ ପ୍ରସାଦ ମିଶ୍ର, ଚନ୍ଦ୍ରଶେଖର ରଥ, ହରିହର ଦାଶ ପ୍ରମୁଖଙ୍କ ସହ ନିରନ୍ତର ଆଲୋଚନାରେ ବ୍ୟାପୃତ ରହୁଥିଲେ । ଜୀବନର ଶେଷ ପର୍ଯ୍ୟାୟରେ ରୋଗଗ୍ରସ୍ତ ହେବା ସତ୍ତ୍ୱେ ସେ ଥିଲେ ଜ୍ଞାନ ଅନିସନ୍ଧିତ୍ସୁ ଓ ସୃଷ୍ଟିଶୀଳ । ବନ୍ଧୁ ମହାପାତ୍ର ନୀଳମଣି ସାହୁଙ୍କ ଭାଷାରେ ତାଙ୍କ ଜ୍ଞାନର ପରିସର ଯେ ପରି ବ୍ୟାପକ ଥିଲା, ସେହିପରି ଥିଲା ଗଭୀର । ସବୁ ପ୍ରକାର ଜ୍ଞାନର ସେ ଅଧିକାରୀ ଥିଲେ । କ୍ରିକେଟ ଖେଳ ତଥ୍ୟ ଠାରୁ ଦ୍ୱନ୍ଦ୍ୱାତ୍ମକ ଜଡ଼ବାଦ ପର୍ଯ୍ୟନ୍ତ କ୍ଲାସିକାଲ ମ୍ୟୁଜିକ ଠାରୁ ଟୟନବିଙ୍କ ଇତିହାସ ପର୍ଯ୍ୟନ୍ତ - ସରଭାନ୍‌ଟିସ୍‌ଙ୍କର ଡନ୍ ଖିହୋଟି ଠାରୁ ଆରମ୍ଭ କରି ଶ୍ରୀ ଅରବିନ୍ଦଙ୍କ ଲାଇଫ୍ ହିଭାଇନ୍ ପର୍ଯ୍ୟନ୍ତ, ସବୁଥିରେ ସେ ସମାନ ଆଗ୍ରହର ସହ ପ୍ରବେଶ କରିଥିଲେ । ୧୯୫୦ରେ ପ୍ରକାଶିତ କୀର୍ତ୍ତିଯଶ୍ୟ ବାମାଚରଣଙ୍କ ପ୍ରଥମ ପ୍ରକାଶିତ ପୁସ୍ତକ । ମିମିର ସାହିତ୍ୟ ଶିକ୍ଷା, ବଟ ମହାପୁରୁଷ, ମାନବ ଓ ଦାନବ, ସ୍ୱପ୍ନସିଦ୍ଧ, ହୋଲି, କସ୍ତେ ପୁତ୍ରଃ, କୁକୁଡା ଚାଷ, ଜୀବନ ଓ ଜୀବିକା ଆଦି ତାଙ୍କର କେତେକ ପ୍ରସିଦ୍ଧ ଗଳ୍ପ । ଚନ୍ଦ୍ର ଓ ଚମ୍ପା ତାଙ୍କର ଏକ ପ୍ରସିଦ୍ଧ ଉପନ୍ୟାସ । ବ୍ୟକ୍ତିଗତ ଜୀବନରେ ସେ ଥିଲେ ନିଷ୍କପଟ, ନୀତିନିଷ୍ଠ, ସ୍ୱାଭିମାନୀ ବୈରାଗୀ ବୈଷ୍ଣବ । ଯୁବାବସ୍ଥାରେ ସେ ଥିଲେ ଉଚ୍ଚ ମାନର ଖେଳାଳି ଓ ଓ ସନ୍ତରଣକାରୀ । ତେବେ, ପଚାଶ ପୁରିବା ବେଳକୁ ସ୍ୱାସ୍ଥ୍ୟ ଭଗ୍ନ ଆରମ୍ଭ ହୋଇଥିଲା । ୧୯୭୫ ଫେବୃଆରୀ ୨୧ ତାରିଖ ଦିନ ମାତ୍ର ଷାଠିଏ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା ।

## ରୋଷେଇ



### ଆଳୁ ପୋହା କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ :** ଚୁଡ଼ା ୧୫୦ ଗ୍ରାମ୍, ସିଝା ଆଳୁ ୨ଟି, ବେସନ, ସୁଜି, ଜିରା, ଅଦା, ରସୁଣ ପେଷ୍ଟ, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ସିମେଇ, ଜୁଆଣି, ଧନିଆପତ୍ର, ଗୋଲମରିଚ ଗୁଣ୍ଡ ଏବଂ ସ୍ୱାଦ ଅନୁସାରେ ଲୁଣ ।

ପ୍ରସ୍ତୁତି ପ୍ରଣାଳୀ : ପ୍ରଥମେ କିଛି ଚୁଡ଼ା ନିଅନ୍ତୁ । ତାକୁ ଭଲଭାବେ ଗ୍ରାଇଣ୍ଡ କରି ଦିଅନ୍ତୁ । ଏବେ ଏହାକୁ ପାତ୍ରରେ କାଢ଼ି ଦିଅନ୍ତୁ । ଏଥିରେ ଅଳ୍ପ ବେସନ, ସିମେଇ ଏବଂ ସୁଜି ଭଲଭାବେ ମିଶାଇ ଦେଲା ପରେ ସେଥିରେ କିଛି ପାଣି ଦେଇ ତାକୁ ଗୋଳାଇ ଦିଅନ୍ତୁ । ଏହି ମିଶ୍ରଣରେ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଜୁଆରି, ଧନିଆପତ୍ର, ଗୋଲମରିଚଗୁଣ୍ଡ ଏବଂ ଲୁଣକୁ ଭଲ ଭାବେ ପକାଇ ମିକ୍ସ କରିଦିଅନ୍ତୁ । ଏହାର ଘୋଳ ଯେପରି ମୋଟା ହେବ । ଘୋଳ ପ୍ରସ୍ତୁତ ହୋଇଗଲା ପରେ ପ୍ୟାନକୁ ଗ୍ୟାସ ଚୁଲାରେ ବସାଇ ସେଥିରେ ଅଳ୍ପ ତେଲ ପକାନ୍ତୁ । ତେଲ ତାତିଲା ପରେ ସେଥିରେ ଜିରା ପକାନ୍ତୁ । ଅଦା ରସୁଣ ପେଷ୍ଟ ପକାନ୍ତୁ । ଏବେ ଏହାକୁ ଭଲ ଭାବେ ଚଲାନ୍ତୁ । ମସଲା କଷିହୋଇଗଲା ପରେ ସେଥିରେ କୋରା ହୋଇଥିବା ଆଳୁକୁ ପକାନ୍ତୁ । ଏବେ ଏଥିରେ ଚିମୁଟାଏ ଲୁଣ ପକାନ୍ତୁ । ଆଗରୁ ଗୋଳାହୋଇଥିବା ବ୍ୟାଟରକୁ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ । ଏହାକୁ ସେ ପର୍ଯ୍ୟନ୍ତ ଚଲାନ୍ତୁ ଯେ ପର୍ଯ୍ୟନ୍ତ ପ୍ୟାନରୁ ଏସବୁ ଛାଡ଼ିବା ସହ ଏହା ଟିକେ ବହଳ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଉକ୍ତ ମିଶ୍ରଣଟି ପୁରା ବହଳ ହେବା ପର୍ଯ୍ୟନ୍ତ ତାକୁ ବେଲଣାପେଡ଼ି ଉପରେ ପକାଇ ନିଜ ହିସାବରେ ସେପ୍ ଦିଅନ୍ତୁ । ଛୁରୀରେ ତାକୁ ଛୋଟ ଛୋଟ ଆକାରରେ କାଟି ଦିଅନ୍ତୁ । ଏବେ କଡେଇରେ ଛୋଟ ଛୋଟ ଆକାରରେ କଟା ହୋଇଥିବା ଖଣ୍ଡକୁ ତେଲରେ ପକାଇ ଛାଣନ୍ତି । ଏହାକୁ ଏପଟ ସେପଟ କରି ଗୋଲଡେନ୍ ବ୍ରାଉନ କଲର ହେବା ପର୍ଯ୍ୟନ୍ତ ସେକନ୍ତୁ ।











# ସତ୍ୟବାଦୀର ଶେଷସଖା - ଆଚାର୍ଯ୍ୟ ହରିହର

◆ ଅକ୍ଷୟ କୁମାର ରାଉତ



ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଗୋଟିଏ ପ୍ରସିଦ୍ଧ ତୀର୍ଥ ସ୍ଥାନ । ସମଗ୍ର ଭାରତରୁ ହଜାର ହଜାର ଯାତ୍ରୀ ସେଠାକୁ ଆସନ୍ତି । ଶ୍ରୀରାମଚନ୍ଦ୍ରପୁର ଗ୍ରାମ ସାକ୍ଷୀଗୋପାଳ ମନ୍ଦିର ଠାରୁ ଅଳ୍ପ ଦୂରରେ ଥିବାରୁ ଓଡିଶାର ଅନ୍ୟ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ । ଏହି ଗ୍ରାମର ମହାଦେବ ବ୍ରହ୍ମାଙ୍କର ସେ ଅଂଚଳରେ ବେଶ୍ ଖାତିର । ୧୮୭୯ ମସିହା ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା (ଫେବୃଆରୀ ମାସ) ଶନିବାର ଦିନ ମହାଦେବ ବ୍ରହ୍ମାଙ୍କ ଯେଉଁ ପ୍ରଥମ ପୁତ୍ର ହେଲା ତାହାରି ନାମ ଦିଆଗଲା ହରି । ପାଂଚବର୍ଷ ବୟସରେ ହରି ମା'ଙ୍କୁ ହରାଇ ଥିଲେ । ମହାଦେବ ବ୍ରହ୍ମାଙ୍କର ଅଳ୍ପ ବୟସ ହୋଇଥିବାରୁ ସେ ଦ୍ୱିତୀୟ ବିବାହ କଲେ । ସାବତ ମା'ଙ୍କ ଦ୍ୱାରା ପାଳିତ ହୋଇଥିଲେ । ସାବତ ମା'ଙ୍କର ତିନିପୁଅଙ୍କ ନାମ ରାମ, ଗୋବିନ୍ଦ ଓ ଶଙ୍କର, ଝିଅ ନାମ ନିଶା ଥିଲା । ଗାଁର ଭର୍ଣ୍ଣାକୁଳର ସ୍କୁଲରୁ ପାଶ୍‌କରି ହରି ପୁରୀ ଜିଲ୍ଲା ବିଦ୍ୟାଳୟରେ ନାମ ଲେଖାଇଥିଲେ । ପାଉଥିବା ଚାରିଟଙ୍କା ବୃତିରେ ସେ ମାସକର ଖର୍ଚ୍ଚ ବହନ କରିଥିଲେ । ସେଠାରେ ସେ ଗୋପୀନାଥ ଦାଶ ପାଖରେ ରହିଥିଲେ । ଗୋପୀ ଭାଇନାଙ୍କ ଦ୍ୱାରା ଗୋପବନ୍ଧୁ ଦାସଙ୍କ ସହିତ ପରିଚିତ ହେଲେ । ଗୋପବନ୍ଧୁଙ୍କର ପ୍ରଭାବ ହରି ଉପରେ ପଡିଲାରୁ ବିଲାତି ପତଳା ଲୁଗା ପିନ୍ଧିବାର କଳ୍ପନା ହରିଙ୍କର ମଉଳି ଗଲା । ଗୋପୀନାଥ ଓ ଗୋପବନ୍ଧୁଙ୍କର ପ୍ରଭାବରେ ହରି ପାଲଟିଗଲା ଜନତାର ସେବକ । ମାନବିକ ତଥା ବୈପ୍ଳବିକ ଭିତରେ ସେ ସାମଞ୍ଜସ୍ୟ ରଖି ପାରୁଥିଲେ । ଚିକିତ୍ସା ଅଭାବରୁ ଯେଉଁ ହଇଜା ରୋଗୀ ଚିତ୍କାର କରୁଛି ତାଙ୍କୁ ଅଭୟ ଦେବାପାଇଁ ସେ ଯେତିକି ଆଗଭର ହେଉଥିଲେ କୋରାପୁଟର ପାହାଡ, ଜଙ୍ଗଲ କୋଳରେ ରହିଥିବା ଆଦିବାସୀ ମନରେ ଅତ୍ୟାଚାର ବିରୁଦ୍ଧରେ ଶକ୍ତିର ସଂଚୟ କରିବା ପାଇଁ ମଧ ଠିକ୍ ସେହି ପରିମାଣରେ ବ୍ୟାକୁଳତା ଦେଖାଉଥିଲେ । ଅତ୍ୟାଚାର ସହି ସହି ଯେଉଁ ଦରିଦ୍ର ଲୋକଙ୍କର ଅଂଟା ନଇଁ ଯାଇଛି ସେମାନଙ୍କ ହାତଧରି, ଅଂଟାକୁ ଆଉଁସିଦେଇ ସିଧା କରିବା କାର୍ଯ୍ୟକୁ ହରି ସେବା ମନେ କରୁଥିଲେ । ଅସହାୟର ଉଦ୍ଧାର ପାଇଁ ହିଁ ହରି ଜନ୍ମ ହୋଇଛନ୍ତି । ମାନବ ସମାଜର ସେବା ଯଜ୍ଞରେ ହରିଙ୍କୁ ଉତ୍ସାହର ଘିଅ ଯୋଗାଉ ଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ହରିହର ପାଲଟି ଗଲେ ବିପ୍ଳବୀ, ସଂସ୍କାରକ, ଶିକ୍ଷକ ଓ ଦଳିତ ନିର୍ଯ୍ୟାତିତମାନଙ୍କର କଳ୍ପବଟ । ଆଜି ଓଡ଼ିଶାର ଯେଉଁ କୋଣକୁ ଯାଅ ଦେଖିବ ଆଚାର୍ଯ୍ୟ ହରିହରଙ୍କର ଛାତ୍ର । ଛୋଟବେଳୁ ହରିହର ନିଜ ପାଠ ପଢ଼ିବା ପରେ ଗାଁର ଅନ୍ୟ ଲୋକମାନଙ୍କୁ ପାଠପଢ଼ାନ୍ତି । ଦିନେଦିନେ ମା ଶ୍ରଦ୍ଧାଦେବୀ ହରିର ଘରକୁ ଫେରିବା ବିଳମ୍ବ ହେଲେ ବ୍ୟସ୍ତ ହୋଇ ପଡ଼ନ୍ତି । କୁହନ୍ତି "ତୁ ଏତେ ଲୋକଙ୍କୁ ପାଠ ପଢ଼ାଉଛୁ, ମୋତେ ଟିକିଏ ପଢ଼ାନ୍ତୁନି" ? ଏତିକିରେ ହରି ହୋଇଗଲେ 'ମା'ର ଶିକ୍ଷକ । ନିଜ ମାମୁଁ ଅଜାଙ୍କ ଘରେ ପୁରୀରେ ରହି ପାଠ ପଢ଼ିଲେ । ଏଫ.ଏ.ପାଶ୍ ପରେ ହରିହର ପି.ଏଲ୍ ପଢ଼ିଲେ । କଟକରୁ ଯାଇ କଲିକତାରେ ଓକିଲାତି ପାଠ ପଢ଼ିଲେ । ଓକିଲାତିର ଶେଷ ପରୀକ୍ଷା ନଦେଇ ପୁରୀ ଜିଲ୍ଲା ସ୍କୁଲରେ ଆସି ଶିକ୍ଷକତା କଲେ । ସରକାରୀ ଚାକିରୀରେ ମନ ମାନିଲା ନାହିଁ । ନୀଳଗିରି ଗଡ଼ଜାତରେ ଗୋଟିଏ ପ୍ରସ୍ତାବିତ ହାଇସ୍କୁଲରେ କିଛି ଦିନ କାର୍ଯ୍ୟ କଲେ । ଏହି ସମୟରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିଲାଣି । ପଲିଟିକାଲ ଏଜେଂଟ କବ୍‌ଡେନ୍ ରାମ୍‌ସେଙ୍କ ବିଷ ଦୃଷ୍ଟିରେ ଉକ୍ତ ହାଇସ୍କୁଲଟି ପଡିବାରୁ, ସେ ରାଜାଙ୍କୁ ସ୍କୁଲ ଭାଙ୍ଗିଦେବାକୁ ପରାମର୍ଶ ଦେଲେ । ସ୍କୁଲ ଭାଙ୍ଗିଲା, ତେଣୁ ହରିହର ନୀଳଗିରିରୁ କଟକର ପ୍ୟାରୀମୋହନ ଏକାଡେମୀକୁ ଚାଲିଆସିଲେ । କଟକରେ ସେ ନିଜର ଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ର ହେଲେ । ୧୯୧୨ ମସିହାରେ ହରିହର ଚାଲିଲେ ସତ୍ୟବାଦୀରୁ ବକୁଳବନ ବିଦ୍ୟାଳୟକୁ । ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର ଓ କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ସହଭାଗୀ ହୋଇଥିଲେ । ୧୯୧୨ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ଗୋପବନ୍ଧୁ ଆନ୍ଦୋଳନରେ ଯୋଗ ଦେବାରୁ ସରକାର ସତ୍ୟବାଦୀ ଜାତୀୟ ବିଦ୍ୟାଳୟକୁ ବନ୍ଦ କରିଦେଲେ । ତଥାପି ହରିହର ଶିକ୍ଷାଦାନର ସୁଯୋଗ ସବୁବେଳେ ଖୋଜୁଥାନ୍ତି । ୧୯୩୦ରେ ହଜାରୀବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ହରିହରଙ୍କ ଉପରେ ଥିଲା । ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ସେ ୧୯୪୨ ମସିହା ଅଗଷ୍ଟମାସରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ । ଦୁଇବର୍ଷକାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ହରିହର ଗୀତା ଓ ଉପନିଷଦ ପଢ଼ାନ୍ତି । ସେହିଠାରେ ସମସ୍ୱର ଶ୍ରୀମଦ୍ ଭାଗବତ ଗୀତା ରଚିତ ହୋଇଥିଲା । ମହାତ୍ମା ଗାନ୍ଧୀଙ୍କ ଡାକରାରେ ନୂତନ ଶିକ୍ଷାର ପ୍ରବର୍ତନ ପାଇଁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ଗଠନ କରାଗଲା । ଏହି ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର । ୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଦାୟିତ୍ୱ ନେଲେ ଗୋବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର । ଲବଣ ସତ୍ୟାଗ୍ରହ ଦଳ ସେହି ବର୍ଷ ଏପ୍ରିଲ ଛଅ ତାରିଖ ଦିନ କଟକଠାରୁ ବାଲେଶ୍ୱରର ଇଂଚୁଡି ଅଭିମୁଖେ ବାହାରିଲେ । ପ୍ରଥମେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରିନିଆଗଲା । ଏପ୍ରିଲ ୧୩ ତାରିଖରେ ଲବଣ ଆଇନ୍ ଅମାନ୍ୟ କରିବାକୁ ଯାଇ ହରିହର ଗିରଫ ହେଲେ ଓ ହଜାରୀବାଗ ଜେଲରେ ରହିଲେ । ୧୯୩୧ରେ ହରିହର ଜେଲରେ ଥାଆନ୍ତି । ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରା ପୁରୀରୁ ଆରମ୍ଭ ହେଲା । ଯାତ୍ରାର ଶେଷବେଳକୁ ହରିହର ଜେଲରୁ ମୁକ୍ତିପାଇ ଗାନ୍ଧୀଜୀଙ୍କୁ ଦେଖାକଲେ । ୧୯୪୨ ମସିହାରେ "ଭାରତ ଛାଡ" ଆନ୍ଦୋଳନରେ ହରିହର ଯୋଗଦେଇ ଦୁଇବର୍ଷରୁ ଅଧିକ କାଳ ଜେଲରେ ରହି ୧୯୪୪ ଶେଷଭାଗରେ ଜେଲରୁ ମୁକ୍ତ ହେଲେ । ହରିହର ଦୁଇଥର ବିବାହ କରିଥିଲେ ମଧ ତାଙ୍କ ଦୁଇଟି ସ୍ତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଥିଲା । ଯୁବକ ଅବସ୍ଥାରୁ ସଂସାରିକ ସୁଖରୁ ମନକୁ ଫେରାଇନେଇ ସମାଜର ସେବାକୁ ଆଦରି ନେଇଥିଲେ । ଓଡ଼ିଶାର ନାରୀ ଜାଗରଣ ସମୟରେ ସେ ନାରୀ ମାନଙ୍କ ଭିତରେ ମାତା, ଭଗିନୀ ବା କନ୍ୟାର ରୂପହିଁ ଦେଖିଛନ୍ତି । ୪୫ ବର୍ଷ ବୟସ ବେଳେ ୧୯୨୪ରେ ସେ ପୁରୀ ବିଧବାଶ୍ରମର ପରିଚାଳନା ଦାୟିତ୍ୱ ନେଇଥିଲେ । ହରିଜନ ଆନ୍ଦୋଳନର ନେତୃତ୍ୱ ଓଡ଼ିଶାରେ ହିଁ ହରିହର ନେଇଥିଲେ । ଅସ୍ପୃଶ୍ୟମାନଙ୍କୁ ଆପଣାର କରିନେଇଥିଲେ ହରିହର । ଜଣେ ଅସ୍ପୃଶ୍ୟ ଅନାଥ ଶବକୁ ଦାହ କରିଥିବାରୁ, ବ୍ରାହ୍ମଣମାନେ ହରିହରଙ୍କୁ ଜାତିରୁ ଅଟକ କରିବାପାଇଁ ଆଗଭର ହେଲେ । ଜଣେ ପଣ୍ଡିତ ମନୁ ସଂହିତାରୁ ଶୋକ୍ଳ ପଢ଼ି ବୁଝାଇଦେଲେ ଯେ ଅନାଥର ଶବସତ୍କାର କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ । ହରିଜନ ସେବା କରୁଥିବା ଜୟନ୍ତୀ କମିଟି ତରଫରୁ ଆଚାର୍ଯ୍ୟ ହରିହରଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ଦେବାର କଥା ଉଠିଲା । ହରିହର ଗରିବ ହରିଜନଙ୍କୁ ସେବା ପାଇଁ ଟଙ୍କା ନେବାକୁ ରାଜିହେଲେ । କିନ୍ତୁ ଅଭିନନ୍ଦନ ଗ୍ରନ୍ଥ ନେବାକୁ ଅରାଜି ହେଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍, ଉପାଧି ଗହଣ କରିବାକୁ ଅସ୍ୱୀକାର କରିଦେଇଥିବା ମଣିଷଟିଏ ଗରିବର ସେବା ପାଇଁ ଅଭିନନ୍ଦନର ଗ୍ରନ୍ଥଟିକୁ ଗ୍ରହଣକଲେ । ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ପ୍ରକୃତ ଚିତ୍ର ଯେତେବେଳେ ମନ ମଧକୁ ଆସେ, ଆଚାର୍ଯ୍ୟ ହରିହରଙ୍କର ଦେଶପ୍ରତି ମୂଲ୍ୟବାନ ଦାନ, ମହାନ୍ ସଂଗ୍ରାମ ପ୍ରତି କିଭଳି ରହିଛି ତାହାର ଉଲ୍ଲେଖ ବିଶେଷ ଭାବରେ ଦେଖାଯାଏ । ୧୯୨୮ରେ ଗୋପବନ୍ଧୁଙ୍କର ଦେହାନ୍ତ ଓ ୧୯୪୮ରେ ଗାନ୍ଧୀ ଗୁଳି ଚୋଟରେ ଟଳି ପଡିବାର ଦାରୁଣ ଦୁଃଖନ୍ତକ ଘଟଣା ତାଙ୍କ ମନରୁ ସମସ୍ତ ଆନନ୍ଦ ନେଇଯାଇଥିଲା । ସେହିଦିନଠାରୁ ସବୁ କାମ ଚାଲେ ସତ, କିନ୍ତୁ ମନରେ ଆନନ୍ଦ ନଥାଏ । ବିନୋବାଜୀଙ୍କ ଭୂଦାନ ଆନ୍ଦେଳନରେ ଯୋଗଦେଇ ମନପ୍ରାଣଦେଇ କାର୍ଯ୍ୟ ଆରମ୍ଭ କଲେ । ୧୯୫୪ ମସିହାବେଳକୁ ଜଣାପଡିଲା ଯେ ସେ ଦୃଷ୍ଟିଶକ୍ତି ହରାଇବସିଲେଣି । ଫକୀର ମିଶ୍ରଙ୍କ ସାହାର୍ଯ୍ୟରେ ହରିହର ଚଳପ୍ରଚଳ କରୁଥାଆନ୍ତି । ୧୯୫୮ ଏପ୍ରିଲ ୨୯ ତାରିଖରେ ଗୋପବନ୍ଧୁ ଚୌଧୁରୀ ସଂସାର ଛାଡି ଚାଲିଗଲେ । ଆଚାର୍ଯ୍ୟ ହରିହରଙ୍କ ଉପରେ ପଡ଼ିଲା ଶକ୍ତ ଧକ୍କା । ସେ ଏକାବେଳକେ ତଟସ୍ଥ ହୋଇ ଗଲେ । ସଂପୂର୍ଣ୍ଣରୂପେ ଭାଙ୍ଗି ପଡିଲା ପୂର୍ବରୁ ତାଙ୍କର ମନେ ପଡିଗଲା ରମାଦେବୀଙ୍କ କଥା । ମନର କୋହକୁ ଚାପି ଅଶୀ ବର୍ଷର ବୃଦ୍ଧ ଉପରକୁ ଦେଖାଇଥିଲେ ଅନେକ ସାହାସ । ଗୋପବାବୁଙ୍କ ଭୂଦାନ ଆନ୍ଦୋଳନର ଦାୟିତ୍ୱ ନେଲେ ହରିହର । ୧୯୬୨ରୁ ୧୯୬୮ ପର୍ଯ୍ୟନ୍ତ ପୁରୀ ଗୋପବନ୍ଧୁ ଭବନରେ ଆଚାର୍ଯ୍ୟ ହରିହର ରହିଲେ । ସେତେବେଳକୁ ତାଙ୍କର ବଳ କମି ଆସିଲାଣି ସତ ତଥାପି ମନର ବଳରେ ମଝିରେ ମଝିରେ ବୁଲି ଯାଇ କର୍ମୀମାନଙ୍କୁ ପ୍ରେରଣା ଦେଇଥାନ୍ତି । ମାତ୍ରାଧିକ ବୟସ ଯୋଗୁଁ ସେ ଅନେକ କଥା ଭୁଲି ଯାଉଛନ୍ତି । ଅନେକ ସମୟରେ ଡାକ୍ତରମାନଙ୍କର ପରାମର୍ଶ ଲୋଡା ପଡୁଛି । ତାଙ୍କର ଦେହ ଖରାପ ରହିବାରୁ ତାଙ୍କୁ କଟକ ଥୋରିଆସାହିର ଭୂଦାନ ଅଫିସକୁ ଆଣି ରହିବାର ବ୍ୟବସ୍ଥା କରାଗଲା । ୧୯୭୧ ଫେବ୍ରୁଆରୀ ୨୧ ତାରିଖ ରବିବାର ଛଅଟା ପଚାଶ ମିନିଟ୍‌ରେ ଆଚାର୍ଯ୍ୟ ହରିହର ଦାସ ଚିରଦିନ ପାଇଁ ଆଖି ବୁଜି ଦେଲେ । କ୍ରମେ ଲୋକ ଗହଳି ହୋଇ ଉଠିଲା ଥୋରିଆ ସାହିର ଭୂଦାନ ଅଫିସ୍ । ହଠାତ୍ ତୀର୍ଥ ପାଲଟି ଗଲା । ସତ୍ୟର ପୂଜାରୀ, ଦୁଃସ୍ଥ, ନିଷ୍ପେଷିତ, ଦରିଦ୍ର ଓ ଆର୍ତ୍ତରବନ୍ଧୁ । ଓଡିଶାର ଶିକ୍ଷା, ସଂସ୍କାର ଓ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ, ପଂଚସାଖାଙ୍କ ମଧରୁ ଶେଷସଖା ମରି ବି ଅମର ରହିଗଲେ ଆମ ପାଖରେ ।

*ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର-ମୋ ନଂ - ୯୯୩୭୬୯୧୪୭୫*

# ମାଛ ଧରିବାକୁ ଯାଇ ପରିବାର ନିଖୋଜ ଘଟଣା : ସାବରୀ ନଦୀରୁ ଦୁଇ ଗଳିତ ଶବ ଉଦ୍ଧାର

ଜୟପୁର : କୋରାପୁଟ ଜିଲ୍ଲା ବୈପାରୀଗୁଡା ଥାନା ଅନ୍ତର୍ଗତ ଗୁପ୍ତେଶ୍ୱର ପଂଚାୟତ ବାଦୁଡ଼ି ପାହାଡ ନିକଟରେ ଥିବା ସାବରୀନଦୀ କୂଳରୁ ଅଗ୍ନିଶମ ଓଡ୍ରାଫ ବାହିନୀ ଦୁଇଟି ଗଳିତ ଶବ ଉଦ୍ଧାର କରିଛନ୍ତି । ଗୁରୁବାର ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଜଣାଯାଇଛି । ମୃତକ ଦଣ୍ଡାବାଡ଼ି ଗାଁ ର ଲଳିତ ପୂଜାରୀ ଏବଂ ତାଙ୍କ ଚାରି ବର୍ଷୀୟ ସାନ ଝିଅ ଗେଲି ପୂଜାରୀ ବୋଲି ଜଣାପଡିଛି କ୍ଷ ମାଛ ଧରିବାକୁ ଯାଇ ବାଦୁଡ଼ି ପାହାଡ଼ରେ ନିଖୋଜ ଥିଲେ ପୁରା ପରିବାର । ଚାରି ସଦସ୍ୟ ମଧ୍ୟରୁ ବାପା ଓ ସାନ ଝିଅଙ୍କ ଶବ ମିଳିଥିବା ବେଳେ ସାତ ମାସର ଗର୍ଭବତୀ ମାଆ ଓ ବଡ଼ ଝିଅର ପତା ମିଳୁନି । ସେପଟେ ଅଗ୍ନିଶମ ବାହିନୀ, ପୋଲିସ ପ୍ରଶାସନ ଓ ଗ୍ରାମବାସୀ ଘଟଣାସ୍ଥଳରେ ଖୋଜାଖୋଜି ଜାରି ରଖିଛନ୍ତି । ସୂଚନା ଥାଉକି, ଦଣ୍ଡାବାଡ଼ି ଗାଁ ର ଲଳିତ ପୂଜାରୀ ଗତ ଫେବୃଆରୀ ଏକ ତାରିଖ ଦିନ ନିଜ ସ୍ତ୍ରୀ ଓ ଦୁଇ ନାବାଳିକଙ୍କୁ ନେଇ ମାଛ ଧରିବାକୁ ବାଦୁଡ଼ି ପାହାଡକୁ ଯାଇଥିଲେ । ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ଏବଂ ଗ୍ରାମବାସୀ ଖୋଜାଖୋଜି ଆରମ୍ଭ କଲେ । ଏହି ସମୟରେ ବାଦୁଡ଼ି ପାହାଡ଼ ନିକଟରେ ଥିବା ସାବରୀ ନଦୀ କୂଳରେ ନିଖୋଜ ଚାରି ସଦସ୍ୟଙ୍କ ପୋଷାକ, ଲୁଙ୍ଗି, ଶାଢ଼ୀ, ଚପଲ, ମୋବାଇଲ, ଆଧାର କାର୍ଡ ଏବଂ ମାଛ ଜାଲ ପଡିଥିବା ଦେଖିବାକୁ ପାଇଥିଲେ । ଏନେଇ ଥାନା ଦ୍ୱାରସ୍ଥ ହୋଇଥିଲେ ସ୍ଥାନୀୟ ସରପଂଚ ଛେଣ୍ଡିଆ ଖିଲଙ୍କ ସମେତ ପରିବାର ଲୋକେ । ଥାନା ଅଧିକାରୀ ଡମ୍ବରୁ ବର୍ତିଆଙ୍କ ନେତୃତ୍ୱରେ ନିଖୋଜଙ୍କୁ ଖୋଜିବା ପାଇଁ ଘଟଣାସ୍ଥଳରେ ପହଂଚି ତଦନ୍ତ କରିଥିଲେ । ଏଥିରେ ବୈପାରୀଗୁଡା ତହସିଲଦାର, ରାମଗିରି ଫାଣ୍ଡି ଅଧିକାରୀ ବିଷ୍ଣୁ ମାଡକାମୀ, କୋରାପୁଟ ପୋଲିସ ସାଇଂଟିଫିକ୍ ଟିମ୍ ସହ ସନ୍ଧାନୀ କୁକୁର, ଏବଂ ମଧ୍ୟ ସାମିଲ୍ ଥିଲେ । ଆଜି ଅଗ୍ନିଶମ ବାହିନୀର ଓଡ୍ରାଫ ଟିମ୍ ଖୋଜିବା ସମୟରେ ବାପା ଓ ସାନ ଝିଅର ଶବ ଉଦ୍ଧାର ହୋଇଛି, ପୁଣି ସ୍ୱତନ୍ତ୍ର ବୋଟ ସାହାଯ୍ୟରେ ମାଆ ଓ ବଡ଼ ଝିଅକୁ ଖୋଜା ହେବ ବୋଲି ଜଣାପଡିଛି ।

# ଆୟୁଷ ସେବାର ଉନ୍ନତି ପାଇଁ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ

ନୂଆପଡା : ନୂଆପଡା ଜିଲ୍ଲାର ସରକାରୀ ହୋମିଓପାଥିକ ଚିକିତ୍ସାଳୟ (ଜିଏଚ୍‌ଡି) ଏବଂ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ (ଜିଏଡି) ଗୁଡ଼ିକର ଉନ୍ନତି ସମ୍ପର୍କିତ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି ।ବୈଠକ ଆରମ୍ଭରେ ଗଣ୍ଡାବାହାଲି ସରକାରୀ ହୋମିଓପାଥିକ ଚିକିତ୍ସାଳୟର ହୋମିଓପାଥିକ ଡାକ୍ତର ବିଦ୍ୟା ଭୂଷଣ ବାରିକ ସମସ୍ତଙ୍କୁ ସ୍ୱାଗତ କରି ଗତ ସମୀକ୍ଷା ବୈଠକର କାର୍ଯ୍ୟାନୁଷ୍ଠାନ ଉପସ୍ଥାପନ କରିଥିଲେ ।ସିନାପାଲି ବ୍ଲକ୍ ଅଧୀନ ଗଣ୍ଡାବାହାଲି ଜିଏଚ୍‌ଡି, କୋମନା ବ୍ଲକ୍ ଅଧୀନ ଡାବ୍ରି ଜିଏଚ୍‌ଡି, ନୂଆପଡା ବ୍ଲକ୍ ଅଧୀନ କୁଲିଆବନ୍ଧ ଜିଏଚ୍‌ଡି ଏବଂ ବୋଡେନ ବ୍ଲକ୍ ଅଧୀନ ଖଇରା ଜିଏଚ୍‌ଡି ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଜିଲ୍ଲା ହୋମିଓପାଥିକ ଚିକିତ୍ସା ଅଧିକାରୀ (ଡିଏଚଏମଓ) ଇନ୍‌ଚାର୍ଜ ଭବାନୀପଟଣା , ଶରତ ଚନ୍ଦ୍ର ସାହୁଙ୍କ ଦ୍ୱାରା ଜମି ବିନିମୟ ସମ୍ବନ୍ଧୀୟ ଫାଇଲଗୁଡ଼ିକ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପର୍କିତ ତହସିଲଦାରମାନଙ୍କ ନିକଟକୁ ପ୍ରେରଣ କରାଯାଇଛି । ସେହିପରି, ନୂଆପଡାରେ ନୂତନ ଡିଏଚଏମଓ/ଡିଏଏମଓ କାର୍ଯ୍ୟାଳୟ ନିର୍ମାଣ ପାଇଁ ଅଧକ୍ଷାଙ୍କ ନିକଟରେ ଆବେଦନ ଦାଖଲ ହୋଇଥିବା ଜଣାପଡ଼ିଥିଲା । ଏହାପରେ ଜିଲ୍ଲାପାଳ ନୂଆପଡା ତହସିଲଦାରଙ୍କୁ ଡିଏଚଏମଓ ଏବଂ ଡିଏମଓଙ୍କ କାର୍ଯ୍ୟାଳୟ ଓ କର୍ମଚାରୀ ନିବାସ ପାଇଁ ୫୦ ଡେସିମଲ୍ ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗଣ୍ଡାବାହାଲି ଜିଏଚ୍‌ଡିରେ ଟେଲିମେଡିସିନ୍ ସୁବିଧା ଆରମ୍ଭ ହୋଇଥିବା ସୂଚନା ମଧ ବୈଠକରେ ଦିଆଯାଇଥିଲା । ଜିଲ୍ଲାପାଳ ଜିଲ୍ଲାର ସମସ୍ତ ଜିଏଚ୍‌ଡି ଓ ଜିଏଡି ଗୁଡ଼ିକର ସାମଗ୍ରିକ ଉନ୍ନତି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ ଧନେଶ୍ୱର ସେଠୀ, ହୋମିଓପାଥିକ ଚିକିତ୍ସା ଅଧିକାରୀ ଡା. ରାଖାଳ ମାଝି, ଡାବ୍ରି ହୋମିଓପାଥିକ ଚିକିତ୍ସା ଅଧିକାରୀ ଡା. ସୁନୀତା ସୋରେନ, କୁଲିଆବନ୍ଧ ହୋମିଓପାଥିକ ଚିକିତ୍ସା ଅଧିକାରୀ ଡା. ସ୍ୱପ୍ନା ମେହେର, ସିଆଲଟି ହୋମିଓପାଥିକ ଚିକିତ୍ସା ଅଧିକାରୀ ଡା. କଲ୍ୟାଣୀ ଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

ଜୟପୁର : କୋରାପୁଟ ହାଇସ୍କୁଲ ପଡ଼ିଆ ଠାରେ ଆୟୋଜିତ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦଘାଟିତ ହୋଇ ଯାଇଛି । ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକାଙ୍କ ଅଧକ୍ଷତାରେ ଆୟୋଜିତ ମେଳାରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ନେଇ ଷ୍ଟଲ ଗୁଡ଼ିକରେ ପ୍ରଦର୍ଶିତ କରାଯାଇଥିଲା । କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ ଏବଂ ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି ଉପସ୍ଥିତ ଥିଲେ । କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ରହିଥିବା ବିଭିନ୍ନ ଯୋଜନା ସଂପର୍କରେ ଚାଷୀ ମାନଙ୍କୁ ଅବଗତ କରିବା ପାଇଁ ବ୍ଲକ ଏବଂ ଜିଲ୍ଲାସ୍ତରରେ ମେଳା ଆୟୋଜନ କରାଯାଉଛି । ଏହି ମେଳାରେ ଚାଷୀ ମାନେ ଯୋଜନା ଏବଂ ସବସିଡି ସଂପର୍କରେ ସୂଚନା ପାଇବେ ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ କହିଛନ୍ତି । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ କୋରାପୁଟ ଜିଲ୍ଲାରେ ୩୭୫ ଜଣ ଚାଷୀ ପକ୍ଷଭୁକ୍ତ ହୋଇଥିବା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଲକ୍ଷ୍ମୀଧର ବେହେରା କହିଛନ୍ତି । ଏଥି ମଧ୍ୟରୁ ୧୬୧ ଜଣ ଚାଷୀ ଦୁଇଟି ଲେଖାଏଁ ଗାଈ ପାଇ ସାରିଛନ୍ତି । କୋରାପୁଟ ଜିଲ୍ଲାକୁ ବର୍ତ୍ତମାନ ୩୨୦ ଟି ଗାଈ ଆସି ଯାଇଥିବା ସେ କହିଛନ୍ତି ।ପଡୋଶୀ ରାଜ୍ୟରୁ ମାଛ ଆମଦାନୀ କମ କରିବା ଏବଂ ନିଜସ୍ୱ ମାଛ ଉତ୍ପାଦନ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି ।ଆଗମୀ ଭବିଷ୍ୟତରେ ଏହାର ସୁଫଳ ମିଳିବ ବୋଲି ଜିଲ୍ଲା ମତ୍ସ୍ୟ ଅଧିକାରୀ ସାଗର କୁମାର ରାମ କହିଛନ୍ତି ।ନୂତନ ପୋଖରୀ ନିର୍ମାଣ କରି ମାଛ ଚାଷ କରିବା ସହ ପୁରୁଣା ପୋଖରୀରେ ବୈଜ୍ଞାନିକ ପ୍ରଣାଳୀରେ ମାଛ ଚାଷ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି ।କୋରାପୁଟ ଜିଲ୍ଲାରେ ୩୦୦ ହେକ୍ଟରରେ ନୂଆ ପୋଖରୀ ଏବଂ ୩୦ ହେକ୍ଟର ପୁରୁଣା ପୋଖରୀରେ ମାଛ ଚାଷ କରିବା ପାଇଁ ଚାଷୀ ମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି । ଏହି ଅବସରରେ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦର ଚାଷୀ ମାନଙ୍କୁ ଚେକ ପ୍ରଦାନ କରାଯାଇଥିଲା । ପି ସନ୍ତୋଷୀ ଆଚାରୀ ଓ ସୁଜାତା ଆଚାରୀ ଯୋଗଦେଇ ମଂଚ ପରିଚାଳନା କରିଥିଲେ । କୋରାପୁଟ, କୋଟପାଡ, ବୋରିଗୁମ୍ମା, କୁନ୍ଦ୍ରା, ବୈପାରିଗୁଡା, ଲକ୍ଷ୍ମୀପୁର ଏବଂ ପଟ୍ଟାଙ୍ଗୀ ବ୍ଲକର ଚାଷୀ ମାନେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଡିଭିଓ ଡାକ୍ତର ପ୍ରକାଶ ମହାନ୍ତି ଓ ଡାକ୍ତର ପରୀକ୍ଷିତ କୁଣ୍ଡୁ, କୋରାପୁଟ ଏସଡିଭିଓ ଡାକ୍ତର ସୁଦର୍ଶନ ସାହୁ, ଜୟପୁର ଏସଡିଭିଓ ଡାକ୍ତର ବିଶ୍ୱଜିତ ରାୟ, ଉପ ନିର୍ଦ୍ଦେଶକ ଡାକ୍ତର ଅକ୍ଷୟ କୁମାର ଜେନା ଯୋଗ ଦେଇ ପରିଚାଳନା କରିଥିଲେ ।

# ଛତ୍ରପତି ଶିବାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଜୟପୁର : ଛତ୍ରପତି ଶିବାଜୀ ମହାରାଜଙ୍କ ୩୯୬ତମ ଜୟନ୍ତୀ ଆଜି ହିନ୍ଦୁ ସମାଜ ପକ୍ଷରୁ ପାଳିତ ହୋଇଯାଇଛି । ଆଜି ସକାଳୁ ହିନ୍ଦୁ ସମାଜର କର୍ମକର୍ତା ମାନେ ରଥପଡିଆ ଠାରେ ଏକତ୍ରିତ ହୋଇ ଶିବାଜୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବିଭିନ୍ନ ନାରାବାଜୀ ଦେଇଥିଲେ । ପରେ ରଥପଡିଆ ଠାରୁ ଏକ ଶୋଭାଯାତ୍ରାର ବାହାରି ପୌର କାର୍ଯ୍ୟାଳୟରେ ପହଁଚିଥିଲେ । ସ୍ଥାନୀୟ ଜୟନଗର ଛକ ଠାରେ ଶିବାଜୀଙ୍କ ପ୍ରତିମୂର୍ତି ସ୍ଥାପନ କରି ଶିବାଜୀ ଛକ ନାମରେ ନାମିତ କରିବା ନିମନ୍ତେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସନ୍ଧ୍ୟାରେ ରଥପଡିଆ ନିକଟରେ ଦୀପ ଜଳାଇ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ଆଜିର ଏହି ଜୟନ୍ତି କାର୍ଯ୍ୟକ୍ରମରେ ଲଳିତ ଅଗ୍ରାଲ,ସତିଶ ନନ୍ଦ, ନିଖିଲ ସାହୁ, ଅରୁଣ ବେହେରା, ଚନ୍ଦ୍ର ଶେଖର ଡାର୍ଲି, ପି.କିରଣ କୁମାର, ଓମ ପ୍ରକାଶ ପାଣିଗ୍ରାହୀ, ଚନ୍ଦ୍ରେଶ ରାଠୋର, ଶିଦ୍ଧାର୍ଥ ପାତ୍ରଙ୍କ ସମେତ ହିନ୍ଦୁ ସମାଜର କର୍ମକର୍ତା ଉପସ୍ଥିତ ଥିଲେ । ଜୟପୁର (ଜୟନଗର ବର୍ଗ କିମ୍ବା ପଂଚାନନ ମନ୍ଦିର ବର୍ଗ)ରେ ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରତିମୂର୍ତି ସ୍ଥାପନ ପାଇଁ ଦାବି କରାଯାଇଛି । ଯେକୌଣସି ସ୍ଥାନରେ ଛତ୍ରପତି ଶିବାଜୀ ମହାରାୟଙ୍କ ପ୍ରତିମୂର୍ତି ସ୍ଥାପନ ହିନ୍ଦୁ ସମାଜ ସଦସ୍ୟମାନେ ଅନୁରୋଧ କରାଯାଇଛି । ଜୟପୁର ପୌରପାଳିକା ମଧ୍ୟରେ ପ୍ରମୁଖ ସ୍ଥାନରେ ନୂତନ ଭାବରେ ନିର୍ମିତ ଗୋଲକ ଛକରେ ପ୍ରତିମୂର୍ତି ସ୍ଥାପନ କରାଯାଇପାରିବ । ଯଦି ଜୟନଗର ବର୍ଗ କିମ୍ବା ପଂଚାନନ ମନ୍ଦିର ବର୍ଗର ପ୍ରସ୍ତାବିତ ଗୋଲକ ଛକରେ । ରାଜା ଏବଂ ଭାରତୀୟ ଇତିହାସରେ ଭଲ ଭାବରେ ପରିଭାଷିତ, ତାଙ୍କର ଉଲ୍ଲେଖନୀୟ ଛତ୍ରପତି ଶିବାଜୀ ମହାରାଜ ହିନ୍ଦୁ ନେତୃତ୍ୱ, ଅଦମ୍ୟ ବୀରତ୍ୱ ଏବଂ ଶାସନ ଏବଂ ନ୍ୟାୟ ପ୍ରତି ସମର୍ପଣ ପାଇଁ ଜଣାଶୁଣା ତାଙ୍କର ଐତିହ୍ୟ ସମଗ୍ର ଭାରତରେ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇ ଆସୁଛି । ଏହାକୁ ଚିହ୍ନି ପାରିବା ପରେ, ତାଙ୍କ ସମ୍ମାନରେ ଏକ ପ୍ରତିମୂର୍ତି ଏକ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ, ଯାହା ଆମ ସମ୍ପ୍ରଦାୟ ମଧ୍ୟରେ ଗର୍ବ ଏବଂ ଐତିହାସିକ ସଚେତନତା ସୃଷ୍ଟି କରିବ । ଯେଉଁଠାରେ ବାସିନ୍ଦା ଏବଂ ପରିଦର୍ଶକମାନେ ତାଙ୍କ ଅବଦାନକୁ ପ୍ରଶଂସା କରିପାରିବେ ଏବଂ ତାଙ୍କ ଅବଦାନ ବିଷୟରେ ଜାଣିପାରିବେ । ଏହି ପଦକ୍ଷେପ କେବଳ ମହାନ ନେତାଙ୍କୁ ସମ୍ମାନ କରିବ ନାହିଁ ବରଂ ଜୟପୁରର ସାଂସ୍କୃତିକ ଏବଂ ଐତିହାସିକ ଦୃଶ୍ୟକୁ ସମୃଦ୍ଧ କରିବାରେ ମଧ ସାହାଯ୍ୟ କରିବ ।

# ନୂଆପଡ଼ାରେ ୨୦୨୬-୨୮ ବର୍ଷ ପାଇଁ ଅସ୍ଥାବର ସମ୍ପତିର ବେଂଚ ମାର୍କ ମୂଲ୍ୟ ନିର୍ଦ୍ଧାରଣ ସମ୍ବନ୍ଧୀୟ ବୈଠକ

ନୂଆପଡା : ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଆଜି ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୂଲ୍ୟାୟନ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୨୦୨୬-୨୮ ଦ୍ୱିବାର୍ଷିକ ଅବଧି ପାଇଁ ନୂଆପଡା ଜିଲ୍ଲାର ଅସ୍ଥାବର ସମ୍ପତି ନିମନ୍ତେ ବେଂଚ ମାର୍କ ମୂଲ୍ୟ ନିର୍ଦ୍ଧାରଣ କିପରି କରାଯିବ, ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା ।ବୈଠକରେ ଜିଲ୍ଲା ଉପ-ନିବନ୍ଧକ ହେମନ୍ତ ପୁଟା ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ମାର୍ଗ ଦର୍ଶକା ସମ୍ପର୍କରେ ସଭାକୁ ଅବଗତ କରାଇଥିଲେ । ଏହା ଅନୁଯାୟୀ ଓଡ଼ିଶା ଷ୍ଟାମ୍ପ ନିୟମାବଳୀ, ୧୯୫୨ ଅନୁସାରେ ପ୍ରତି ଦୁଇ ବର୍ଷରେ ଅସ୍ଥାବର ସମ୍ପତିର ବଜାର ମୂଲ୍ୟ ପୁନଃନିର୍ଦ୍ଧାରଣ କରାଯିବାକୁ ବ୍ୟବସ୍ଥା ରହିଛି । ସହର ଓ ଗ୍ରାମ ଅଂଚଳର ଜମିକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରି— ଯଥା ରୋଡ୍ ସାଇଡ୍ ପ୍ଲଟ୍, ଆବାସିକ, ବ୍ୟବସାୟିକ, କୃଷି ଜମି, ପ୍ରକଳ୍ପ ପ୍ରଭାବିତ ଅଂଚଳ ଇତ୍ୟାଦି—ତଥ୍ୟ ସଂଗ୍ରହ କରାଯାଇ ସେସବୁର ବଜାର ମୂଲ୍ୟ ନିର୍ଦ୍ଧାରଣ କରାଯିବ । ଗତ ଦୁଇ ବର୍ଷର ବିକ୍ରୟ ତଥ୍ୟ ଆଧାରରେ ମୂଲ୍ୟ ନିର୍ଦ୍ଧାରଣ ପାଇଁ ସ୍ପଷ୍ଟ ସରକାରୀ ନିର୍ଦ୍ଦେଶ ରହିଛି । ଏଥିରେ ପ୍ରସ୍ତାବିତ ମୂଲ୍ୟାୟନ ପ୍ରସ୍ତାବ ଡିଭିସିକୁ ପ୍ରେରଣ କରାଯିବ ଏବଂ ଜିଲ୍ଲା ସ୍ତରୀୟ କମିଟି ଏହାର ସମୀକ୍ଷା କରି ରାଜ୍ୟ ସ୍ତରକୁ ଅନୁମୋଦନ ପାଇଁ ପ୍ରେରଣ କରିବେ । ରାଜ୍ୟ ସ୍ତରରୁ ଅନୁମୋଦନ ପ୍ରାପ୍ତ ହେବା ପରେ ଏହି ଜମିର ବଜାର ମୂଲ୍ୟ ଆସନ୍ତା ୧ ଏପ୍ରିଲ ୨୦୨୬ ଠାରୁ ଜିଲ୍ଲାରେ କାର୍ଯ୍ୟକରୀ ହେବ । ଜିଲ୍ଲାପାଳ ମଧୁସୂଦନ ଦାଶ ମୂଲ୍ୟ ୧୦ ପ୍ରତିଶତ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେବା ସହିତ ସମସ୍ତ ଅଧିକାରୀଙ୍କୁର ନିର୍ଦ୍ଦେଶାବଳୀକୁ କଡାକଡି ଭାବରେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ବୈଠକରେ ପ୍ରଣବ ରଞ୍ଜନ ସାହୁ, ତହସିଲଦାର, ନୂଆପଡା; ନରସିଂହ ଗଡବା, ତହସିଲଦାର, ଖରିଆର; ଉପାଞ୍ଜଳି ମାଝି, ତହସିଲଦାର, ସିନାପାଲି; ସରିତା ଗୁପ୍ତା, ତହସିଲଦାର, ବୋଡେନ;ସର୍ବେଶ୍ୱର ଜାଲ, ତହସିଲଦାର କୋମନା, ସୁଧାଂଶୁ ଶେଖର, ସବ୍- ରେଜିଷ୍ଟ୍ରାର, ଖରିଆର ଏବଂ ବରିଷ୍ଠ ଆଇନଜୀବୀ,ନନ୍ଦଲାଲ ପାଣ୍ଡେ ଓ ସୁଶାନ୍ତ କୁମାର ପତିଙ୍କ ସହିତ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ମୁଗୁପାଳ ଛକ ନିକଟରୁ ୭ ଶିଶୁ ଶ୍ରମିକ ଉଦ୍ଧାର

ଧର୍ମଶାଳା : ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ମୁଗୁପାଳ ଛକ ନିକଟରୁ ଆଜି ଅପରାହ୍ନରେ ଏକ ସିମେଂଟ ୱ୍ୱାର୍କସପରୁ ୭ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଶିଶୁ ଅଧିକାର କର୍ମୀ ମଂଟୁ ଦାସ କୁଆଖିଆ ଥାନା ଅଂଚଳରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଓ ହୋଟେଲମାନଙ୍କରେ ଶିଶୁ ଶ୍ରମିକ ଥିବାର ଅଭିଯୋଗ କରିଥିଲେ । ଏହି ଅଭିଯୋଗ ପରେ ଜିଲାପାଳ ଅମ୍ବର କୁମାର କର ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର ଓ ଥଇଥାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୁଆଖିଆ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଚାଇଲ୍ଡ ଲାଇନ ସଂଯୋଜକ ବରେନ୍ଦ୍ର କୃଷ୍ଣ ଦାସ ଓ ଶିଶୁ ଅଧିକାର କର୍ମୀ ମଂଟୁ ଦାସ ମିଳିତଭାବେ ମୁଗୁପାଳସ୍ଥିତ ଏକ ସିମେଂଟ ୱ୍ୱାର୍କ ସପରୁ ୭ ଜଣ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲେ । ସେମାନଙ୍କ ମଧ୍ୟରୁ କିଛି ଶିଶୁମାନଙ୍କ ବୟସ ୧୪ ବର୍ଷରୁ କମ୍ ଥିବାବେଳେ ଦୁଇ ଜଣ ଶିଶୁ ୧୮ବର୍ଷରୁ କମ୍ ଥିବାର ଜଣାପଡିଛି । ସେମାନେ ଠାକୁରମୁଣ୍ଡା ଅଂଚଳର ବୋଲି ଜଣାପଡିଛି । ସେମାନେ ବହୁ ଦିନ ହେବ ଏଠାକୁ ଆସି ଶିଶୁ ଶ୍ରମିକ ଭାବେ କାମ କରୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଶିଶୁମାନଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନ କରାଯାଇଛି ।





# ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା ବୈଠକ

ଝାରସୁଗୁଡ଼ା, (ନି.ପ୍ର.) ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ ଏବଂ ମେଗା ପାନୀୟ ଜଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ସହ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ଟ୍ୟାପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରାଯାଇଥିଲା । ବିଶେଷ କରି 'ବସୁଧା' ଯୋଜନାରେ ହେଲ୍ପଲାଇନ ଓ ଅଭିଯୋଗ ପ୍ରତିକାର ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ସହ ଯେଉଁ ଅଂଚଳରେ ପିଇବା ପାଣିର ସମସ୍ୟା ଦେଖାଯାଏ ସେହି ସବୁ ଅଂଚଳରେ ଟ୍ୟାଙ୍କର ଜରିଆରେ ଜଳ ଯୋଗାଣ ଓ ନୂତନ ନଳକୂପ ସ୍ଥାପନ ଉପରେ ଜିଲ୍ଲାପାଳ ଏହି ବୈଠକରେ ବିଭାଗୀୟ ଅଧିକାରୀଙ୍କୁ ବିଶେଷ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ଏଥିସହିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ପଂଚମ ରାଜ୍ୟ ଅର୍ଥ କମିଶନ ଏବଂ ପଂଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ପାଣ୍ଠିରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରଥମ ପର୍ଯ୍ୟାୟ ମେଗା ପାନୀୟ ଜଳ ପ୍ରକଳ୍ପ ଏବଂ ଜିଲ୍ଲାର ୪୨ଟି ଗ୍ରାମ ପଂଚାୟତରେ ବ୍ଲକୱାରି ଜଳ ଯୋଗାଣ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା ପିଡବ୍ଲୁଡ଼ି, ଆରଡି ଏବଂ ଜାତୀୟ ରାଜପଥ କାମ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ପାଇପଲାଇନଗୁଡ଼ିକର ତୁରନ୍ତ ମରାମତି କରିବା ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ମେଗା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବିଭିନ୍ନ ବ୍ଲକ ଏବଂ ସମ୍ପୃକ୍ତ ବିଭାଗର ପଦାଧିକାରୀ ଓ ନିର୍ମାଣକାରୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଓଭରଲୋଡ଼ିଂ ପାଉଁଶ ଗାଡି ଅଟକାଇଲେ ଗ୍ରାମବାସୀ : ୭ଟି ଭାରୀଯାନ ଜବତ, ୬.୪୪ ଲକ୍ଷ ଟଙ୍କା ଜରିମାନା ଆଦାୟ

ଝାରସୁଗୁଡା, (ହି.ସ.)- ଝାରସୁଗୁଡା ସହରର ବଢ଼େଇମୁଣ୍ଡା ରାସ୍ତାରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଓଭରଲୋଡ଼ିଂ ପାଉଁଶ ବୋଝେଇ ଭାରୀଯାନ ଚଳାଚଳକୁ ନେଇ ଉତେଜନା ସୃଷ୍ଟି ହୋଇଥିଲା । ବଢ଼େଇମୁଣ୍ଡା ଓ ଦେବାଡ଼ିହି ଗ୍ରାମବାସୀମାନେ ମିଶି ୭ଟି ପାଉଁଶ ବୋଝେଇ ଭାରୀଯାନକୁ ଅଟକ ରଖି ପ୍ରଶାସନକୁ ସୂଚନା ଦେଇଥିଲେ । ପରେ ପରିବହନ ବିଭାଗ ପକ୍ଷରୁ ପହଂଚି ଉକ୍ତ ଯାନଗୁଡିକୁ ଜବତ କରି ମୋଟ ୬ ଲକ୍ଷ ୪୪ ହଜାର ୩ଶହ ୧୦ ଟଙ୍କା ଜରିମାନା କାଟିଥିବା ସୂଚନା ମିଳିଛି ।ସୂଚନା ଅନୁସାରେ, ବେଆଇନ ଭାବେ ପାଉଁଶ ବୋଝେଇ କରି ୭ଟି ଭାରୀଯାନ ବଢ଼େଇମୁଣ୍ଡା ରାସ୍ତା ଦେଇ ଯାଉଥିବା ବେଳେ ଗ୍ରାମବାସୀମାନେ ପୂର୍ବ ଯୋଜନା ଅନୁଯାୟୀ ସେଗୁଡିକୁ ଅଟକ ରଖିଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ଯେ, ଗତ ଦୁଇ ମାସ ଧରି ରାତ୍ରିବେଳେ ଜନଗହଳି ଶୂନ୍ୟ ସମୟରେ ଏହି ରାସ୍ତା ଦେଇ ଓଭରଲୋଡ଼ିଂ ପାଉଁଶ ପରିବହନ ହେଉଛି । ଫଳରେ ରାସ୍ତା ସାରା ପାଉଁଶ ପଡ଼ି ଧୂଳିକଣାରେ ପରିଣତ ହେଉଥିବାରୁ ଦେବାଡ଼ିହି ଓ ବଢ଼େଇମୁଣ୍ଡା ଗ୍ରାମବାସୀ ସହିତ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଦେବାଡ଼ିହି ଗ୍ରାମର ଦୁଷ୍ମନ୍ତ ପାଣ୍ଡେ କହିଛନ୍ତି ଯେ, ଏହି ସମସ୍ୟା ସମ୍ପର୍କରେ ଗତ ଜାନୁଆରୀ ୫ ତାରିଖରେ ଝାରସୁଗୁଡା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା । ଜିଲ୍ଲାପାଳ ଜିଲ୍ଲା ପରିବହନ ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଇନଥିଲା । ଏହାକୁ ନେଇ ଅସନ୍ତୁଷ୍ଟ ହୋଇ ଗ୍ରାମବାସୀମାନେ ମଙ୍ଗଳବାର ରାତ୍ରିରେ ଯାନଗୁଡିକୁ ଅଟକ ରଖିଥିବା କହିଛନ୍ତି । ଆଗାମୀ ଦିନରେ ଏହି ରାସ୍ତା ଦେଇ ପାଉଁଶ ଗାଡି ଚଳାଚଳ କରିବାକୁ ଦେବେ ନାହିଁ ବୋଲି ସେମାନେ ସତର୍କ କରିଛନ୍ତି ।ଏନେଇ ଜିଲ୍ଲା ପରିବହନ ଅଧିକାରୀ ପ୍ରମୟ କୁମାର ମିଶ୍ର କହିଛନ୍ତି ଯେ, ଗ୍ରାମବାସୀମାନଙ୍କ ଦ୍ୱାରା ଅଟକ ରଖାଯାଇଥିବା ୭ଟି ବେଆଇନ ପାଉଁଶ ବୋଝେଇ ଭାରୀଯାନକୁ ମୋଟ୍ ୬,୪୪,୩୧୦ ଟଙ୍କା ଜରିମାନା କରାଯାଇଛି । ଆଗାମୀ ଦିନରେ ଏହି ରାସ୍ତା ଦେଇ ଅନିୟମିତ ପାଉଁଶ ପରିବହନ ନ ହେବାକୁ ବିଶେଷ ଧ୍ୟାନ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି ।

# ମାଲକାନଗିରିରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ପାଇଁ ପ୍ରସ୍ତୁତି ବୈଠକ

ମାଲକାନଗିରି, (ହି.ସ.)- ଆସନ୍ତା ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ଜିଲ୍ଲା ମୁଖ୍ୟ ଡାକ୍ତରଖାନା, ମାଲକାନଗିରି ଠାରେ ଅନୁଷ୍ଠିତ ହେବାକୁ ଯାଉଛି ଓ ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାଅଧିକ୍ଷକ ଡଓ. ଚୌଧୁରୀ ନିହାର ରଞ୍ଜନ ପ୍ରହରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ଓ ଏହି ବୈଠକରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ବରିଷ୍ଠ ଡାକ୍ତରଙ୍କ ସହ ଡାକ୍ତରଖାନା ପରିଚାଳକ ଏବଂ ବରିଷ୍ଠ ସେବିକାଗଣ ଉପସ୍ଥିତ ରହିଥିଲେ ଓ ଏହି ଶିବିରରେ ରାଜ୍ୟସ୍ତରୀୟ ବିଶେଷଜ୍ଞ ଡାକ୍ତର ଯଥା ସ୍ନାୟୁ ରୋଗ ବିଶେଷଜ୍ଞ, ହୃଦ ରୋଗ ବିଶେଷଜ୍ଞ, ବୃକକ ରୋଗ ବିଶେଷଜ୍ଞ, ପାଚନତନ୍ତ୍ର ରୋଗ ବିଶେଷଜ୍ଞ, ଅନ୍ତଃ ସ୍ରାବୀ ରୋଗ ବିଶେଷଜ୍ଞ, ଲଓପାରୋସ୍କୋପି ଏବଂଶଲ୍ୟ ବିଶେଷଜ୍ଞ ପ୍ରମୁଖ ଡାକ୍ତରୀଦଳ ଯୋଗଦେଇ ଚିକିତ୍ସା ସେବା ସହ ଅସ୍ତ୍ରୋପ୍ରଚଓର କରିବାର କାର୍ଯ୍ୟକ୍ରମ ରହିଛି ଓ ସେହିପରି ଜିଲ୍ଲାବାସୀଙ୍କୁ ସଚେତନତା ସହ ଶିବିରରେ ଆସୁଥିବା ବିଶେଷଜ୍ଞ ଡାକ୍ତର ସମ୍ପର୍କିତ ବାର୍ତା ଦେବା ନିମନ୍ତେ ୭ଟି ବ୍ଲକ ଓ ମାଲକାନଗିରି ସହରାଂଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କରାଯିବା ବ୍ୟବସ୍ଥାଓ କରାଯାଇଛି ଓ ଏହି ଶିବିରକୁ ଅଧିକରୁ ଅଧିକ ରୋଗୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଚିକିତ୍ସା ସେବାର ଲାଭ ଉଠାଇବାକୁ ଅନୁରୋଧ କରାଯାଉଛି ଓ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିରକୁ ଆପଣଙ୍କ ପରିବାରର କୌଣସି ବ୍ୟକ୍ତି ଯଦି ଉପରୋକ୍ତ ରୋଗରେ ପୀଡିତ ରହିଥିବେ ସେମାନଙ୍କୁ ନିର୍ଦ୍ଧାରିତ ତାରିଖରେ ଶିବିରକୁ ଆଣି ଉତମ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଚିକିତ୍ସା କରାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

# ବିଧୁଭୂଷଣ ହେଲେ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସର ମନରେଗା ସଂଯୋଜକ

କେନ୍ଦ୍ରାପଡ଼ା,(ନି.ପ୍ର.):କେନ୍ଦ୍ରାପଡ଼ା ଜିଲ୍ଲାର କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜୀବୀ ବିଧୁ ଭୂଷଣ ମହାପାତ୍ରଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସର ମନରେଗା (ଏମ ଜି ଏନ ଆର ଇ ଜି ଏସ)ର ଜିଲ୍ଲା ସଂଯୋଜକ ଭାବେ କଂଗ୍ରେସ ଦଳ ପକ୍ଷରୁ ନିଯୁକ୍ତି ଦିଆଯାଇଛି । ଶ୍ରୀ ମହାପାତ୍ର ପୂର୍ବରୁ କଂଗ୍ରେସ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବରେ କାମ ଆରମ୍ଭ କରି ପ୍ରଥମେ ବ୍ଲକ୍ କଂଗ୍ରେସ ପରେ ଜିଲ୍ଲା କଂଗ୍ରେସ, ଜିଲ୍ଲା କଂଗ୍ରେସ ଓବିସି ସଭାପତି, ରାଜ୍ୟ ଓବିସି ସେଲର ସଂଯୋଜକ ଭାବରେ କାମ କରିଛନ୍ତି । ଗତ ସାଧାରଣ ନିର୍ବାଚନରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଚାର କମିଟିର ସଦସ୍ୟ ଭାବେ ଶ୍ରୀ ମହାପାତ୍ର ମନୋନୀତ ହୋଇ କଂଗ୍ରେସ ଦଳର ଇତିହାସ ଓ କଂଗ୍ରେସ ସରକାର ସମୟରେ ହୋଇଥିବା ସମସ୍ତ ଉନ୍ନତିମୂଳକ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ଶ୍ରୀ ମହାପାତ୍ର କେନ୍ଦ୍ରାପଡ଼ା ଜିଲ୍ଲା ତଥା ରାଜ୍ୟର ବହୁ ଅନୁଷ୍ଠାନର ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ସେ ୨୦ ବର୍ଷ ଧରି ରାଜ୍ୟ ସଡ଼କ ସୁରକ୍ଷା ସମିତିର ସଦସ୍ୟ ଭାବେ ବହୁ ମୁଲ୍ୟବାନ ମତାମତ ଦେଇଛନ୍ତି । ସେ କେନ୍ଦ୍ରାପଡ଼ା ଜିଲ୍ଲା ଦେଇ ଯାଇଥିବା ବହୁ ଉଚ୍ଚତା ବିଶିଷ୍ଟ ହରିଦାସପୁର - ପାରାଦୀପ ରେଳପଥ ନିର୍ମାଣରେ କେନ୍ଦ୍ରାପଡ଼ାର ମାଟିର ବ୍ୟବହାର ଓ ଏବେ ଚଣ୍ଡିଖୋଲ- ପାରାଦୀପ ୮ ଧାଡିଆ ଜାତୀୟ ରାଜପଥରେ ମାଟି ବ୍ୟବହାରକୁ ବିରୋଧ କରିଥିଲେ । ଫଳରେ ମାଟିର ଅପବ୍ୟବହାର ଓ ଭବିଷ୍ୟତରେ କେନ୍ଦ୍ରାପଡ଼ାର ବିକଳାଙ୍ଗ ଭବିଷ୍ୟତରୁ ସୁରକ୍ଷା ମିଳିପାରିଛି । ଜାତୀୟ ରାଜପଥରେ ମାଟି ବଦଳରେ ପାଉଁଶର ବ୍ୟବହାର ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇପାରିଛି । ତାଙ୍କୁ କେନ୍ଦ୍ରାପଡ଼ା ଭଳି ରାଜନୈତିକ ସ୍ପର୍ଶକାତର ଜିଲ୍ଲାର ମନରେଗା ସଂଯୋଜକ ଭାବରେ ନିଯୁକ୍ତି ମିଳିଥିବାରୁ କେନ୍ଦ୍ରାପଡ଼ାରେ ବିରୋଧୀ ଦଳର ଶକ୍ତି ବୃଦ୍ଧି ପାଇବ । ଲଗାମହୀନ ବେପରୁଆ ଅଧିକାରୀଙ୍କୁ ଶଂଢୁଆସୀ ଆକ୍ରମଣ କରାଯିବାର ସମ୍ଭାବନା ରହିଛି । ତାଙ୍କର ଏହି ନିଯୁକ୍ତିକୁ କେନ୍ଦ୍ରାପଡ଼ାର ବହୁ କଂଗ୍ରେସ କର୍ମୀ ଓ ନେତା ମାନେ ସ୍ୱାଗତ କରିବା ସହ ନେତୃତ୍ୱଙ୍କୁ ବଧାଇ ଜଣାଇଛନ୍ତି । ଦଳପାଇଁ ନିଷ୍ଠାପର ଭାବେ ନିରବଚ୍ଛିନ୍ନ କାର୍ଯ୍ୟ କଲେ ସଫଳତା ନିଶ୍ଚୟ ମିଳିବ ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି ।

# ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଏକଦିବସୀୟ ତାଲିମ୍ ଶିବିର ଅନୁଷ୍ଠିତ

କନ୍ଧମାଳ,(ହି.ସ.)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ (ଆଇସିଡିଏସ) କାର୍ଯ୍ୟାଳୟରେ 'ବାଲ ରକ୍ଷା ଭରତ' ପକ୍ଷରୁ ଅଙ୍ଗନବାଡି କର୍ମୀମାନଙ୍କ ପାଇଁ ଏକ, ଦିନିକିଆ ଦକ୍ଷତା ବୃଦ୍ଧି ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ତାଲିମ୍ କାର୍ଯ୍ୟକ୍ରମ, କନ୍ଧମାଳ ଜିଲ୍ଲା ବାଲ ରକ୍ଷା ଭାରତର ମୁଖ୍ୟ ମନୋଜ କୁମାର ମିଶ୍ରଙ୍କ ତତ୍ୱାବଧାନରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ୨୫୦ରୁ ଅଧିକ ଅଙ୍ଗନବାଡି କର୍ମୀ ଅଂଶଗ୍ରହଣ କରି ନିଜ ଦକ୍ଷତା ଓ ଜ୍ଞାନକୁ ସୁଦୃଢ କରିଥିଲେ । ତାଲିମରେ ଶିଶୁଙ୍କ ପ୍ରଥମ ହଜାରେ ଦିନର ଗୁରୁତ୍ୱ, ଟୀକାକରଣ ପ୍ରକ୍ରିୟା, ପୋଷଣ ଓ ବୃଦ୍ଧି ପରିଚାଳନା, ଭିଏଚଏସଏନଡି ର ଗୁଣବତା ବୃଦ୍ଧି, ଆଦର୍ଶ ର ମାନଦଣ୍ଡ, ଏବଂ ଆଇଆଇସି ମେଟେରିଆଲ୍ ?ର ସଠିକ ବ୍ୟବହାର ଇତ୍ୟାଦି ମୁଖ୍ୟ ବିଷୟରେ ବ୍ୟାପକ ଆଲୋଚନା କରାଯାଇଥିଲା ।କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିବେଦିତା ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚିନ୍ମୟୀ ପ୍ରଭା ଗନ୍ତାୟତ ସହିତ ଟିକିନା ରାଣୀ ସ୍ୱାଇଁ, ସୋନାଲି ସାହୁ ଓ ଏ ଏନ ଏମ ଝିଲ୍ଲୀ ନାୟକ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମ୍ କାର୍ଯ୍ୟକ୍ରମକୁ ସଫଳ କରିବାରେ ସଞ୍ଜୟ କୁମାର ରାଉତ, ହୋସନା ଅକ୍ତାରୀ, ଶିବାନୀ ପାଣିଗ୍ରାହୀ, ନିରୁପମା ତାଣ୍ଡି, ଦୀପ୍ତି ପତି, ଓବେଦ ସିଂ, ଅଶୋକ ଦିଗାଲ, ଭୂପତି ବେହେରା, ପ୍ରିୟତମା ନାୟକ, ପପୁନ ସାହୁ ଓ ସମସ୍ତ ସୁପରଭାଇଜର ଦିଦିମାନେ ଉପସ୍ଥିତ ଥିଲେ ଏବଂ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ । ଏହି ତାଲିମ୍ ମାଧ୍ୟମରେ ଅଙ୍ଗନବାଡି କର୍ମୀମାନେ ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ସୁରକ୍ଷାରେ ନିଜ ଭୂମିକାକୁ ଆହୁରି ଦୃଢ କରିବା ପାଇଁ ପ୍ରେରିତ ହୋଇଥିଲେ । ସମାଜର ସ୍ୱାସ୍ଥ୍ୟ ଓ ପୋଷଣ ଉନ୍ନତି ପାଇଁ ଏପରି ପ୍ରଶିକ୍ଷଣ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଆଶା ପ୍ରକାଶ କରାଯାଇଛି ।

# ଜନକଲ୍ୟାଣ ଶାନ୍ତି ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,:ଜନକଲ୍ୟାଣ ଶାନ୍ତି ଟ୍ରଷ୍ଟ ପକ୍ଷରୁ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଟ୍ରଷ୍ଟର ଅଧ୍ୟକ୍ଷ ଆଇନଜୀବୀ ଧରଣୀଧର ସାହୁ, ନିର୍ଦ୍ଦେଶକ ଆଇନଜୀବୀ ସଞ୍ଜୟ କୁମାର ଜେନା, ସନ୍ତୋଷ ପୋଥାଳ, ବରିଷ୍ଠ ଆଇନଜୀବୀ ଗଗନବିହାରୀ ଜେନା ଓ ଧିରେନ୍ଦ୍ର ଦାସ ପ୍ରମୁଖ ଉ□ରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଜିଲ୍ଲାପାଳ ଶ୍ରୀ ଆୟରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଟ୍ରଷ୍ଟ ପକ୍ଷରୁ ହେଉଥିବା ବିଭିନ୍ନ ସମାଜକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଉପସଭାପତି ରମଣୀରଞ୍ଜନ ରାଉତରାୟ, ନିର୍ଦ୍ଦେଶକ ସତ୍ୟବ୍ରତ ସିଂହ,ଗୋଲେଖ ପରିଡା ଓ ଅକ୍ଷୟପ୍ରିୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଯାନ୍ତ୍ରିକ ଯୁଗରେ ଶୁଭୁନି ହଳିଆ ଗୀତ, ମେସିନରେ ହେଉଛି ଧାନ ଅମଳ

ଜୟପୁର, (ହି.ସ.)- କୃଷି ପ୍ରଧାନ କୋରାପୁଟ ଜିଲାରେ ପୂର୍ବରୁ ବର୍ଷର ଅଧିକାଂଶ ସମୟ ଚାଷ ଜମିରେ କୃଷକ ଓ କୃଷି ଶ୍ରମିକମାନେ ସମୟ ଦେଉଥିଲେ । ଧାନ ଚାଷ ପାଇଁ କ୍ଷେତ ପ୍ରସ୍ତୁତି ଠାରୁ ଆରମ୍ଭକରି ରୁଆ, ବୁଣା, ଧାନ ବଛା, ଶେଷରେ ଧାନ କଟା ଓ ଅମଳ ପର୍ଯ୍ୟନ୍ତ ଚାଷୀ ଓ କୃଷି ଶ୍ରମିକ ମାନେ ନିୟୋଜିତ ରହୁଥିଲେ । କ୍ଷେତରୁ ବର୍ଷକର ରୋଜଗାର ପାଉଥିବା ଚାଷୀ ପୂର୍ବରୁ ପାରମ୍ପରିକ ପଦ୍ଧତିକୁ ଆପଣାଉଥିଲେ । ଜମିରେ ହଳ, ବଳଦରୁ ଆରମ୍ଭ କରି ଜମି ଚାଷ ପାଇଁ ଲଙ୍ଗଳ, ମହି ଆଦି ବ୍ୟବହାର କରୁଥିଲେ । ଏଥିପାଇଁ ରାଜ୍ୟରେ ବଳଦ ବହୁଳ ବ୍ୟବହାର ହେଉଥିଲା । ଏବେ କିନ୍ତୁ ସମୟ ବଦଳିଛି ପାରମ୍ପରିକ ଚାଷରୁ ମୁହଁ ଫେରାଇ ଏବେ ଯନ୍ତ୍ରପାତି ଉପରେ ଅଧିକ ନିର୍ଭରଶିଳ ହେଲେଣି ଚାଷୀ ଫଳରେ ହଳ ବଳଦର ଆଉ ବହୁଳ ବ୍ୟବହାର ଦେଖିବାକୁ ମିଳୁନି । ଚାଷ ଜମିରେ ମଧ୍ୟ କୃଷି ଶ୍ରମିକଙ୍କ ସଂଖ୍ୟା ଯଥେଷ୍ଟ କମିଗଲାଣି । ଆଉ ଧାନ ଅମଳ ପାଇଁ ଗାଁ ଗାଁରେ ବେଙ୍ଗଳା ପଡୁନି । ଗୋରୁମାନଙ୍କୁ ନେଇ ଧାନ ମଳା ଯାଉନି । ମେସିନରେ ଧାନ ଅମଳ ହେଉଛି । ଧାନ ଅମଳ ପରେ ପାଳ ସଂଗ୍ରହ କରାଯାଉଥିଲା । ତାହା ବର୍ଷ ସାରା ଗାଈଗୋରୁଙ୍କ ଖାଦ୍ୟ ଭାବେ ବ୍ୟବହୃତ ହେଉଥିଲା । ହେଲେ ଏବେ ପାଳ ମଧ୍ୟ ଅଧିକ ଦେଖିବାକୁ ମିଳୁନି । କାଁ ଭାଁ କିଛି ଚାଷୀ ଗୋରୁମାନଙ୍କୁ ନେଇ ଗାଁ ଗହଳିରେ ବେଙ୍ଗଳା ବୁଲାଇ ଧାନ ଅମଳ କରୁଥିବା ବେଳେ ଅଧିକାଂଶ ଚାଷୀ ମେସିନ ସହାୟତାରେ ଧାନ ଅମଳ କରୁଛନ୍ତି । ପୂର୍ବରୁ କୋରାପୁଟ ଜିଲାର ବୋରିଗୁମ୍ମାସ ବୈପାରିଗୁଡା, କୁନ୍ଦୁରା, ଜୟପୁର, କୋଟପାଡ ବ୍ଲକ ଧାନ ଅମଳ ବେଳେ କୃଷି ଶ୍ରମିକ ମାନେ ଗୋରୁ ମାନଙ୍କୁ ନେଇ ଧାନ ବେଙ୍ଗଳା ବୁଲାଇ ହଳିଆ ଗୀତ ଗାଉଥିଲେ । ତେବେ ଖର୍ଚ୍ଚ କମିବା ସହ କମ୍ ସମୟରେ ଧାନ ଅମଳ ହୋଇ ପାରୁଥିବାରୁ ଏବେ ମେସିନ ସହାୟତାରେ ହିଁ ଧାନ ଅମଳ କରାଯାଉଛି । ପୂର୍ବରୁ ଅମଳ ପରେ ଏହାକୁ ସଂରକ୍ଷଣ କରିବାକୁ ସେଥିରୁ ବାହାରୁଥିବା ପାଳକୁ ବଳି ଦଉଡି ପ୍ରସ୍ତୁତ କରି ପୁଡୁଗ କରୁଥିଲେ ଚାଷୀ । କିନ୍ତୁ, ଆଜିର ଯାନ୍ତ୍ରୀକ ଯୁଗରେ ମେସିନରେ ଧାନ ଅମଳ ପରେ ତୁରନ୍ତ ତାକୁ ଜମିରୁ ହିଁ ଅଖାରେ ଭର୍ତି କରି ମିଲ୍ କୁ ପଠାଇ ଦିଆଯାଉଛି । ଷ୍ଟିମ ଦେଇ ଧାନରୁ ଚାଉଳ ବାହାର କରାଯାଇ ତାକୁ ବଜାରକୁ ଛାଡି ଦିଆଯାଉଛି । ଏସବୁ ଚାଉଳ ଖାଇ ଲୋକେ ପ୍ରାକୃତିକ ପୃଷ୍ଟିକରରୁ ବଂଚିତ ହେବା ସହ ରୋଗ ନିରୋଧ ଶକ୍ତି ହ୍ରାସ ପାଉଥିବା କହିଛନ୍ତି ଚାଷୀ ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନୃତତ୍ୱ ବିଭାଗରେ ବିଶ୍ୱ ନୃତତ୍ୱ ଦିବସ ପାଳନ

ଖଲ୍ଲିକୋଟ (ନି.ପ୍ର.) ୨୦୨୬ ରିଖ ଦିନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନୃତତ୍ୱ ବିଭାଗ ଆନୁକୂଲ୍ୟରେ ବିଶ୍ୱ ନୃତତ୍ୱ ଦିବସ ପାଳିତ ହୋଇଯାଇଛି କ୍ଷ ଏହି ଉପଲକ୍ଷେ ବିଭାଗ ମୁଖ୍ୟ ଶ୍ରୀମତୀ ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା କ୍ଷ ବିଭାଗ ମୁଖ୍ୟ ଶ୍ରୀମତୀ ସାହୁ ବିଶ୍ୱ ନୃତତ୍ୱ ଦିବସ ପାଳନର ଆଭିମୁଖ୍ୟ ଓ ଉପଯୋଗିତା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ନାତକୋତର ପରିଷଦ ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ନୃତତ୍ୱ ଏକ ବ୍ୟାପକ ବିଷୟ ଏବଂ ଏହି ଦିବସ ପାଳନ କରିବା ଦ୍ୱାରା ନୃତତ୍ୱକୁ ଏକ ବିଶ୍ୱ ଦୃଷ୍ଟିରେ ଉପଲବ୍ଧି କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ କ୍ଷ ସମ୍ମାନିତ ଅତିଥି ଭାବେ କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଳିକ ଯୋଗଦେଇ ନୃତତ୍ୱ ଦିବସର ମହତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ଏପରି ଉଦ୍ୟମ ନିମନ୍ତେ ବିଭାଗକୁ ପ୍ରଶଂସା କରିଥିଲେ କ୍ଷ ଅନ୍ୟତମ ଅତିଥି ଉପକୁଳସଚିବ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର ଯୋଗଦେଇ ବିଶ୍ୱ ନୃତତ୍ୱ ଦିବସ ପାଳନର ମହତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ କ୍ଷ ମଂଚାସୀନ ଅନ୍ୟତମ ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟ ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ ଓଡ଼ିଶାର ଆଦିମ ଜନସମ୍ପ୍ରଦାୟଙ୍କ ସମ୍ପର୍କରେ ବର୍ଣ୍ଣନା କରିବା ସହ ଏପରି ଦିବସ ପାଳନ ସେହି ଜନ ସମ୍ପ୍ରଦାୟ ସମ୍ପର୍କରେ ସଚେତନତା ବୃଦ୍ଧି କରିବ ବୋଲି କହିଥିଲେ କ୍ଷ ଆଜିର କାର୍ଯ୍ୟକ୍ରମ ଓ ପ୍ରଦର୍ଶନୀରେ ବିଭାଗର ଅଧ୍ୟାପିକା ଡ. ରଶ୍ମିରେଖା ଦାଶ, ଡ. ଭାଗ୍ୟଶ୍ରୀ ସାହୁ, ଅଧ୍ୟାପିକା ଅନ୍ୱେଷକ୍ଷ ନାୟକ ଓ କାର୍ଯ୍ୟାଳୟ କର୍ମଚାରୀ ଶ୍ରୀଯୁକ୍ତ ଅନାଦି ବେହେରା ପ୍ରମୁଖ ବିଶେଷ ସହଯୋଗ କରିଥିଲେ କ୍ଷ ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ନୃତତ୍ୱ ସମ୍ପର୍କିତ ପ୍ରଦର୍ଶନୀର ଆୟୋଜନ ଏବଂ ବିଭିନ୍ନ ଜନଜାତିଙ୍କ ବେଶ ପୋଷାକ ପରିଧାନ କରିବା ଖୁବ ଆକର୍ଷଣୀୟ ହୋଇଥିଲା କ୍ଷ ପ୍ରଦର୍ଶନୀ ଅବସରରେ ବିଭାଗର ଛାତ୍ରଛାତ୍ରୀ ତଥା ଆର୍ଯ୍ୟନ ରାଉତ, ପାୟଲ ପ୍ରଧାନ, ଜିଜ୍ଞାସା ମହାନ୍ତି, ଅଂଶିତା ବେହେରା, ଏସ. ନର୍ମଦା ଦେବୀ , ତନୀଷା ପାତ୍ର, ଅର୍ପିତା ତ୍ରିପାଠୀ, ଲିପ୍ସାରାଣୀ ଚର୍ଚ୍ଚି, ଏସ. ସିଦ୍ଧାର୍ଥ କୁମାର, ପି. ଧନପ୍ରିୟା ରେଡ୍ଡୀ, ଅରୂପ ସାହୁ, ଆୟୁଷ୍ମତି ସାହୁ, ନିକିତା ରାଣୀ ନାୟକ, ଶ୍ରଦ୍ଧାଞ୍ଜଳି ଆଚାର୍ଯ୍ୟ, ଶିଖା ରବୀନ ସାହୁ, ଜ୍ୟୋତିପ୍ରଭା ସାମଲ, ସ୍ୱିଟୀରାଣୀ ସାହୁ, ଓମ ପ୍ରକାଶ ବିଶ୍ୱାଳ, ସ୍ୱପ୍ନାରାଣୀ ବେହେରା ପ୍ରମୁଖ ପ୍ରଦର୍ଶନୀରେ ବିଭିନ୍ନ ଜନଜାତି ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ କ୍ଷ ନୃତତ୍ୱ ବିଭାଗର ଏହି ପ୍ରଦର୍ଶନୀ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସମେତ ବହୁ ବିଭାଗର ଛାତ୍ରଛାତ୍ରୀ ପ୍ରଦର୍ଶନୀ ବୁଲି ଦେଖିଥିଲେ ।

# ମାଲକାନଗିରିରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ପାଇଁ ପ୍ରସ୍ତୁତି ବୈଠକ

ମାଲକାନଗିରି, (ହି.ସ.)- ଆସନ୍ତା୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ଜିଲ୍ଲା ମୁଖ୍ୟ ଡାକ୍ତରଖାନା, ମାଲକାନଗିରି ଠାରେ ଅନୁଷ୍ଠିତ ହେବାକୁ ଯାଉଛି ଓ ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାଅଧିକ୍ଷକ ଡଓ. ଚୌଧୁରୀ ନିହାର ରଞ୍ଜନ ପ୍ରହରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ଓ ଏହି ବୈଠକରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ବରିଷ୍ଠ ଡାକ୍ତରଙ୍କ ସହ ଡାକ୍ତରଖାନା ପରିଚାଳକ ଏବଂ ବରିଷ୍ଠ ସେବିକାଗଣ ଉପସ୍ଥିତ ରହିଥିଲେ ଓ ଏହି ଶିବିରରେ ରାଜ୍ୟସ୍ତରୀୟ ବିଶେଷଜ୍ଞ ଡାକ୍ତର ଯଥା ସ୍ନାୟୁ ରୋଗ ବିଶେଷଜ୍ଞ, ହୃଦ ରୋଗ ବିଶେଷଜ୍ଞ, ବୃକକ ରୋଗ ବିଶେଷଜ୍ଞ, ପାଚନତନ୍ତ୍ର ରୋଗ ବିଶେଷଜ୍ଞ, ଅନ୍ତଃ ସ୍ରାବୀ ରୋଗ ବିଶେଷଜ୍ଞ, ଲଓପାରୋସ୍କୋପି ଏବଂଶଲ୍ୟ ବିଶେଷଜ୍ଞ ପ୍ରମୁଖ ଡାକ୍ତରୀଦଳ ଯୋଗଦେଇ ଚିକିତ୍ସା ସେବା ସହ ଅସ୍ତ୍ରୋପ୍ରଚଓର କରିବାର କାର୍ଯ୍ୟକ୍ରମ ରହିଛି ଓ ସେହିପରି ଜିଲ୍ଲାବାସୀଙ୍କୁ ସଚେତନତା ସହ ଶିବିରରେ ଆସୁଥିବା ବିଶେଷଜ୍ଞ ଡାକ୍ତର ସମ୍ପର୍କିତ ବାର୍ତା ଦେବା ନିମନ୍ତେ ୭ଟି ବ୍ଲକ ଓ ମାଲକାନଗିରି ସହରାଂଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କରାଯିବା ବ୍ୟବସ୍ଥାଓ କରାଯାଇଛି ଓ ଏହି ଶିବିରକୁ ଅଧିକରୁ ଅଧିକ ରୋଗୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଚିକିତ୍ସା ସେବାର ଲାଭ ଉଠାଇବାକୁ ଅନୁରୋଧ କରାଯାଉଛି ଓ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିରକୁ ଆପଣଙ୍କ ପରିବାରର କୌଣସି ବ୍ୟକ୍ତି ଯଦି ଉପରୋକ୍ତ ରୋଗରେ ପୀଡିତ ରହିଥିବେ ସେମାନଙ୍କୁ ନିର୍ଦ୍ଧାରିତ ତାରିଖରେ ଶିବିରକୁ ଆଣି ଉତମ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଚିକିତ୍ସା କରାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

# ସୁରୁଖୁରୁରେ ଆରମ୍ଭ ହେଲା ମାଲକାନଗିରି ଜିଲ୍ଲାରେ ଦଶମ ବୋର୍ଡ଼ ପରୀକ୍ଷା

ମାଲକାନଗିରି, (ହି.ସ.)- ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ ତରଫରୁ ଆଜି ମାଲକାନଗିରି ଜିଲ୍ଲାର ୪୬ଟି ପରୀକ୍ଷା କେନ୍ଦ୍ରକୁ ନେଇ ସୁରୁଖୁରୁରେ ଦଶମ ବୋର୍ଡ ପରୀକ୍ଷା ପ୍ରଥମ ଦିନ ସମ୍ପନ୍ନ ହୋଇଯାଇଅଛି । ଯାହାକୁ ପରିଚାଳନା କରିଥିଲା ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ, ଜିଲ୍ଲା ପ୍ରଶାସନଙ୍କ ସହଯୋଗ ନେଇ । ଆଜି ପ୍ରଥମ ଦିନ ମାତୃଭାଷା ଓଡ଼ିଆ ପରୀକ୍ଷା ମୋଟ ରେଗୁଲାର ୯୩୯୪ ପରୀକ୍ଷାର୍ଥୀରୁ ୯୧୧୨ ଉପସ୍ଥିତି ଥିଲା ବେଳେ ୨୮୨ ଅନୁପସ୍ଥିତି ଦେଖିବାକୁ ମିଳିଥିଲା । ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟର ୪୪୯ ପରୀକ୍ଷାର୍ଥୀରୁ ୩୪୮ ଉପସ୍ଥିତି ଥିଲା ବେଳେ ୧୦୧ ଅନୁପସ୍ଥିତି ଥିଲେ । ଏହିପରି ପ୍ରଥମ ଦିନରେ ମୋଟ ୯୮୪୩ ପରୀକ୍ଷାର୍ଥୀରୁ ୯୪୬୦ ପରୀକ୍ଷା ଦେଇଥିବା ବେଳେ ଜିଲ୍ଲାରୁ ୩୮୩ ଛାତ୍ରଛାତ୍ରୀ ପରୀକ୍ଷା ଦେଇନଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ,ମାଲକାନଗିରି ଚିତରଞ୍ଜନ ପାଣିଗ୍ରାହୀଙ୍କ ତରଫରୁ ଆଗରୁ ସୂଚନା ଥିଲା ଯେ ମୋଟ ୯୮୪୩ ଛାତ୍ରଛାତ୍ରୀ ପ୍ରଥମ ଦିନ ମାତୃଭାଷା ଓଡ଼ିଆ ପରୀକ୍ଷା ଦେବେ ଏବଂ ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ପରୀକ୍ଷା କେନ୍ଦ୍ରରେ ପହଂଚିବା ଠାରୁ ପୁନଶ୍ଚ ଉତର ଖାତା ନୋଡାଲ କେନ୍ଦ୍ର ଯାଏଁ ପହଂଚିବା ଦାୟିତ୍ୱ ସୁପରିଚାଳନା କରାଯାଇଅଛି ।

ଆଜି ୪୬ ଜଣ ପର୍ଯ୍ୟବେକ୍ଷକ କେନ୍ଦ୍ରରେ ଉପସ୍ଥିତ ଥିଲା ବେଳେ ଜିଲ୍ଲା ପ୍ରଶାସନ ତରଫରୁ ଅଫିସର ଗଣଙ୍କୁ ମଧ୍ୟ ଜିଲ୍ଲାପାଳଙ୍କ ତରଫରୁ ଦ୍ୱରାନ୍ୱିତ କରାଯାଇଥିଲା । ଦିବ୍ୟାଙ୍ଗ ପିଲାମାନେ କେମିତି ସହଜରେ ସୁରକ୍ଷିତ ଭାବେ ପରୀକ୍ଷା ଦେବେ ତାହାର ବି ବ୍ୟବସ୍ଥା କରାଯାଇଥିଲା । ସଂପୂର୍ଣ୍ଣ ପରୀକ୍ଷାରେ କୌଣସି ପ୍ରକାର କପି ହେବାର ସୂଚନା ଆସିନାହିଁ ।

ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଭାଗୀରଥି ବେହେରା, ଜିଲ୍ଲା ବିଜ୍ଞାନ ନୀରିକ୍ଷକ ଜଗନ୍ନାଥ ବେହେରା କେନ୍ଦ୍ର ସବୁ ନିରୀକ୍ଷଣ କରିଥିବା ବେଳେ କେନ୍ଦ୍ର ସ୍କ୍ୱାର୍ଡ ମଧ୍ୟ ନିରୀକ୍ଷଣ କରିଥିଲେ ।

# ରୁପାକୁଣ୍ଡ ସମ୍ମୁଖ ପୋଲ ନିର୍ମାଣ କଲା କିଏ ?

ଚମ୍ପୁଆ, (ହି.ସ.)- ନିମ୍ନମାନ ଉନ୍ନୟନ କାର୍ଯ୍ୟର ନଗ୍ନ ଉଦାହରଣ ପାଲଟିଛି ଚମ୍ପୁଆ । ଗୋଟିଏ ପରେ ଗୋଟିଏ ପଦାରେ ପଡୁଛି ସ୍ଥାନୀୟ ପ୍ରଶାସନର କଳା କାରନାମା । ଗ୍ରାମାଂଚଳର ବିକାଶ ପାଇଁ ସରକାର ଯୋଜନା ଉପରେ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଚମ୍ପୁଆ ଅଂଚଳର ବିଭିନ୍ନ ଉର୍ନ୍ନତି ମୂଳକ କାର୍ଯ୍ୟ ଗୁଡିକରେ ବ୍ୟାପକ ଅନିୟମିତତା ହେଉଥିବା ଦେଖିବାକୁ ମିଳୁଛି । କେଉଁଠି ବିନା ସୂଚନା ଫଳକରେ ଠିକାଦାର ନିମ୍ନମାନର କାମ କରି ଅନୁଦାନ ଟଙ୍କା ହଡପ କରୁଛନ୍ତି ତ ଆଉ କେଉଁଠି ଅଧିକାରୀ ଓ ଠିକାଦାର ସଲାସୁତରାରେ ଅନୁଦାନ ଟଙ୍କା ବାଟ ମାରଣା ହେଉଥିଲେ ମଧ୍ୟ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜୁଛନ୍ତି । ଫଳରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏପରି ଏକ ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ ରରୁଆଁଗୋଡ଼ା ପଂଚାୟତ ଅନ୍ତର୍ଗତ କେମୁଣ୍ଡିଆ ରୁପାକୁଣ୍ଡ ମନ୍ଦିର ସମ୍ମୁଖ ଗ୍ରାମ୍ୟ ରାସ୍ତାରେ । ରୁପାକୁଣ୍ଡ ମନ୍ଦିର ସମ୍ମୁଖ ମୋରହମ ରାସ୍ତା ଉପରେ ଏକ କଂକ୍ରିଟ ପୋଲ ନିର୍ମାଣ କରାଯାଇଛି । କିନ୍ତୁ, ଏହା କିଏ କରିଛି, କେଉଁ ବିଭାଗର, କେତେ ଟଙ୍କା ଅନୁଦାନରେ ହୋଇଛି ସେ ସମ୍ପର୍କିତ କୌଣସି ସୂଚନା ଫଳକ ମରାଯାଇ ନାହିଁ । ଫଳରେ କାର୍ଯ୍ୟ ସମ୍ପର୍କିତ କୌଣସି ତଥ୍ୟ ଜଣା ପଡୁନାହିଁ ।କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ମାରିବାର ନିୟମ ରହିଥିବାବେଳେ ଏଠାରେ ତାହା ଖୋଲାଖୋଲି ଉଲଂଘନ କରାଯାଇଥିବା ଦେଖିବାକୁ ମିଳିଛି । ସୂଚନା ଫଳକ ନଲେଖି ନିମ୍ନମାନର କାମ କରି ବିଧିବଦ୍ଧ ଭାବେ ଅନୁଦାନ ଅର୍ଥକୁ ହଡପ କରାଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଥିବାରୁ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ଦେଖିବାକୁ ମିଳିଛି । ତେବେ ବିନା ସୂଚନା ଫଳକରେ ନିର୍ମାଣ କରାଯାଇଥିବା ଏହି ପୋଲର କାର୍ଯ୍ୟ ଏତେ ନିମ୍ନ ମାନର ହୋଇଛି ଯେ ତାହା କେତେ ଦିନ ପର୍ଯ୍ୟନ୍ତ ଲୋକଙ୍କୁ ସେବା ଯୋଗେଇବ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଉକ୍ତ ପୋଲ ନିର୍ମାଣ ସମ୍ପର୍କରେ ରରୁଆଁଗୋଡ଼ା ସରପଂ, ପିଇଓଙ୍କୁ ପଚାରିବାରୁ ଏ ପୋଲ କିଏ କେଉଁ ବିଭାଗରୁ ନିର୍ମାଣ କରାଯାଇଛି ଜାଣି ନ ଥିବା ପ୍ରକାଶ କରିଥିବା ବେଳେ, ରରୁଆଁ ଗୋଡ଼ା ପଂଚାୟତ ଦାୟିତ୍ୱରେ ଥିବା ବ୍ଲକ ଜେଇ ମଧ୍ୟ ପୋଲ ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି । କିଛି ଗ୍ରାମବାସୀ ଏହା ଚମ୍ପୁଆ ବ୍ଲକ କାମ ନ ହେଲେ ବାଲି ମାଫିଆଙ୍କ କାମ ହୋଇଥାଇ ପାରେ ବୋଲି କହିଛନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି ଯଦି ଏହି ପୋଲ ନିର୍ମାଣ କାର୍ଯ୍ୟ ଚମ୍ପୁଆର କୌଣସି ଉନ୍ନୟନ ବିଭାଗ ପକ୍ଷରୁ ହୋଇଛି ତେବେ ସୂଚନା ଫଳକ ମରାଗଲା ନାହିଁ କାହିଁକି ? ପୋଲ ନିର୍ମାଣ ସ୍ଥାନକୁ ଲୋକଙ୍କ ଚଳାଚଳ କମ ଥିବାରୁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ନିମ୍ନ ମାନର କାମ କରି ବିଧିବଦ୍ଧ ଭାବେ ଅନୁଦାନ ଟଙ୍କାକୁ ହଡପ କରା ଯାଇ ନାହିଁ ତ ? ଅନ୍ୟପକ୍ଷରେ ଯଦି ଏହି ପୋଲ ବାଲି ମାଫିଆ ମାନେ ନିର୍ମାଣ କରିଛନ୍ତି ତେବେ ସ୍ଥାନୀୟ ପ୍ରଶାସନ ଜାଣି ପାରିଲା ନାହିଁ କେମିତି ?






# ଏଆଇ ଓ ଡିପଟେକ୍ ଷ୍ଟାର୍ଟଅପ୍ ସିଇଓମାନଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ



## ଏଆଇ ଓ ଡିପଟେକ୍ ଷ୍ଟାର୍ଟଅପ୍ ସିଇଓମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଗୋଲଟେବୁଲ ବୈଠକ

ନୂଆଦିଲ୍ଲୀ: ୧୬ଟି ଏଆଇ ଓ ଡିଫେକ୍ଟ ଷ୍ଟାର୍ଟଅପ୍ର ପ୍ରତିଷ୍ଠାତା ଓ ସିଇଓ ସେମାନଙ୍କ ଚିନ୍ତାଧାରା ଓ କାର୍ଯ୍ୟ ଉପସ୍ଥାପନ କଲେ । ଏହି ଷ୍ଟାର୍ଟଅପ୍ଗୁଡ଼ିକ ସ୍ୱାସ୍ଥ୍ୟସେବା, କୃଷି, ସାଇବର ସୁରକ୍ଷା, ମହାକାଶ ଏବଂ ସାମାଜିକ ସଶକ୍ତୀକରଣ ଭଳି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ଯାହା ସମଗ୍ର ଜନସଂଖ୍ୟା ସ୍ତରରେ ପ୍ରଭାବ ସୃଷ୍ଟି କରୁଛି । ପ୍ରଧାନମନ୍ତ୍ରୀ ପ୍ରଭାବଶାଳୀ ସମାଧାନ ସୃଷ୍ଟି କରିବା ପାଇଁ ଉଦ୍ଭାବକମାନଙ୍କୁ ପ୍ରଶଂସା କରିଥିଲେ ଏବଂ ଭାରତର ଆବଶ୍ୟକତା ଅନୁଯାୟୀ ସମାଧାନ ତିଆରି କରିବାକୁ ଅନୁରୋଧ କରିଥିଲେ । ପ୍ରଧାନମନ୍ତ୍ରୀ କୃଷି, ପରିବେଶ ସୁରକ୍ଷା ଏବଂ ମାତୃଭାଷାରେ ଉଚ୍ଚଶିକ୍ଷାକୁ ପ୍ରୋତ୍ସାହିତ କରିବା ସମେତ ବିଭିନ୍ନ କ୍ଷେତ୍ରରେ ଏଆଇ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାର ସମ୍ଭାବନା ବିଷୟରେ ଆଲୋଚନା କରିଥିଲେ । ଷ୍ଟାର୍ଟଅପ୍ଗୁଡ଼ିକ ଭାରତ ଏଆଇ ଇମ୍ପାକ୍ଟ ସମିଟକୁ ପ୍ରଶଂସା କରିଥିଲେ । ଏହାକୁ ଏଆଇ ବିଷୟରେ ବିଶ୍ୱସ୍ତରୀୟ ଚର୍ଚ୍ଚାକୁ ଆକାର ଦେବାରେ ଦେଶର ବୃଦ୍ଧି ପାଉଥିବା ପ୍ରତିଷ୍ଠାର ପ୍ରତିଫଳନ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେବା ତୀର୍ଥଠାରେ




ଏଆଇ ଏବଂ ଡିପଟ୍ଟେକ୍ ଷ୍ଟାର୍ଟଅପ୍ସ ସିଇଓମାନଙ୍କ ସହିତ ଏକ ଗୋଲଟେବୁଲ ବୈଠକ କରିଛନ୍ତି । ଗୋଲଟେବୁଲରେ ଅଂଶଗ୍ରହଣ କରିଥିବା ଷ୍ଟାର୍ଟଅପ୍ଗୁଡ଼ିକ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକରେ ଜନସଂଖ୍ୟାସ୍ତରୀୟ ଆହ୍ୱାନଗୁଡ଼ିକର ସମାଧାନ କରୁଛନ୍ତି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ, ସେମାନେ ଉନ୍ନତ ନିଦାନ, ଜିନ୍ ଥେରାପି ଏବଂ ଶେଷ ମାଇଲ ପର୍ଯ୍ୟନ୍ତ ଗୁଣାତ୍ମକ ସେବା ଯୋଗାଇବା ନିମନ୍ତେ ପ୍ରଭାବୀ ରୋଗୀ ରେକର୍ଡ ପରିଚାଳନା ଲାଗି ଏଆଇ ବ୍ୟବହାର କରୁଛନ୍ତି । କୃଷିରେ ସେମାନେ ଉତ୍ପାଦକତା ବୃଦ୍ଧି ଓ ଜଳବାୟୁ ବିପଦର ମୁକାବିଲା ପାଇଁ ଭୂସ୍ଥାନିକ ଏବଂ ଗଭୀରଜଳ ବୁଦ୍ଧିମତା ବ୍ୟବହାର କରୁଛନ୍ତି । ଏହି ଗୋଷ୍ଠୀରେ ସାଇବର ସୁରକ୍ଷା, ନୈତିକ ଏଆଇ, ମହାକାଶ, ଶିକ୍ଷା ଓ ନ୍ୟାୟିକ ସେବାରେ ଆଂଚଳିକ ଭାଷାର ବ୍ୟବହାର ଦ୍ୱାରା ସାମାଜିକ ସଶକ୍ତୀକରଣ ଏବଂ ଶିଳ୍ପ ଉତ୍ପାଦକତାକୁ ସୁଦୃଢ଼ କରିବା ପାଇଁ ପାରମ୍ପରିକ ବ୍ୟବସ୍ଥାର ଆଧୁନିକୀକରଣ ଉପରେ କେନ୍ଦ୍ରିତ ଷ୍ଟାର୍ଟଅପମାନେ ଅନ୍ତର୍ଭୁକ୍ତ ଥିଲେ । ମିଳିତଭାବେ ସେମାନେ ଏକ ଇକୋସିଷ୍ଟମର ପ୍ରତିନିଧିତ୍ୱ କରୁଛନ୍ତି ଯାହାକି ସ୍ଥାନୀୟ ଆବଶ୍ୟକତାକୁ ପୂରଣ କରିବା ସହ ଏଆଇ-ଚାଳିତ ନବସୃଜନରେ ବିଶ୍ୱ ନେତୃତ୍ୱ ନିର୍ମାଣ କରୁଛି । ଏଆଇ ଷ୍ଟାର୍ଟଅପ୍ଗୁଡିକ କୃତ୍ରିମ ବୁଦ୍ଧିମତା ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଭାରତର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ । ସେମାନେ ଏହି କ୍ଷେତ୍ରର ଦ୍ରୁତ ପ୍ରସାର ଏବଂ ଅପାର ସମ୍ଭାବନା ଉପରେ ଆଲୋକପାତ କରି ପ୍ରକାଶ କରିଥିଲେ ଯେ ଏଆଇ ନବସୃଜନର ବିଶ୍ୱ ଗତି କ୍ରମଶଃ ଭାରତ ଆଡକୁ ଗତି କରୁଛି । ସେମାନେ କହିଥିଲେ ଯେ ଦେଶ ଏବେ ଏଆଇ ପ୍ରଗତି ପାଇଁ ଏକ ସହାୟକ ଏବଂ ଗତିଶୀଳ ପରିବେଶ ପ୍ରଦାନ କରୁଛି, ବିଶ୍ୱ ଏଆଇ ପ୍ରେକ୍ଷାପଟ୍ଟରେ ନିଜର ଉପସ୍ଥିତିକୁ ଦୃଢ଼ ଭାବରେ ପ୍ରତିଷ୍ଠା କରୁଛି । ସେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀକୁ ମଧ୍ୟ ପ୍ରଶଂସା କରିଥିଲେ, ଏହାକୁ ଏଆଇ ସମ୍ବନ୍ଧୀୟ ବିଶ୍ୱ ଆଲୋଚନାକୁ ଆକାର ଦେବାରେ ଦେଶର ବର୍ଦ୍ଧିତ ପ୍ରତିଷ୍ଠାର ପ୍ରତିଫଳନ ବୋଲି କହିଥିଲେ । ପ୍ରଭାବଶାଳୀ ସମାଧାନ ସୃଷ୍ଟି କରିବା ପାଇଁ ଉଦ୍ଭାବକମାନଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇ ଥିଲେ । ବିଭିନ୍ନ କ୍ଷେତ୍ର ଯେପରିକି କୃଷି ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ବିଶେଷକରି ଫସଲ ଉତ୍ପାଦକତା ତଦାରଖ, ସାର ବ୍ୟବହାରଠାରୁ ଆରମ୍ଭ କରି ମୃର୍ତ୍ତିକା ସ୍ୱାସ୍ଥ୍ୟରକ୍ଷା ଆଦିରେ ଏଆଇ ପ୍ରଯୁକ୍ତିର ବ୍ୟବହାର ସମ୍ଭାବନା ଉପରେ ସେ ଆଲୋଚନା କରିଥିଲେ । ଭାରତୀୟ ଭାଷା ଓ ସଂସ୍କୃତିର ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇ ସେ ମାତୃଭାଷାରେ ଉଚ୍ଚଶିକ୍ଷା ପ୍ରଦାନ ନିମନ୍ତେ ଏଆଇର ବ୍ୟବହାର ଲାଗି ଆହ୍ୱାନ କରିଥିଲେ । ପ୍ରଧାନମନ୍ତ୍ରୀ ଦୃଢ଼ ଡାଟା ପ୍ରଶାସନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

## ଭାରତ-ସ୍ପେନ୍ ଉଚ୍ଚ ଶିକ୍ଷା ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଯୋଗଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ନୂଆଦିଲ୍ଲୀ: ନୂଆଦିଲ୍ଲୀରେ ଆୟୋଜିତ ଦୁଇ ଦିନିଆ 'ଭାରତ-ସ୍ପେନ୍ ଉଚ୍ଚଶିକ୍ଷା ସମ୍ମିଳନୀ' ଆଜି ସଫଳତାର ସହ ଉଦଯାପିତ ହୋଇ ଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଭିଭାଷଣ ପ୍ରଦାନ କରିଥିଲେ । ଭାରତରେ ଅବସ୍ଥିତ ସ୍ପେନ୍ ଦୂତାବାସର ସହଯୋଗରେ ୧୯ ଏବଂ ୨୦ ଫେବୃଆରୀରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯାହା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ ୨୦୨୬' ସହ ସମାନ ସମୟରେ ଅନୁଷ୍ଠିତ ହୋଇଥିଲା । ଶ୍ରୀ ପ୍ରଧାନ କହିଛନ୍ତି ଯେ, ୨୦୨୬ ବର୍ଷଟି 'ସ୍ପେନ୍-ଭାରତ ଦ୍ୱୈତ ବର୍ଷ' ଭାବେ ପାଳନ କରାଯାଉଛି, ଯାହା ଦୁଇ ଦେଶର ୭୦ ବର୍ଷର କୂଟନୈତିକ ସମ୍ପର୍କକୁ ଦର୍ଶାଉଛି । ଶିକ୍ଷା, ଗବେଷଣା ଏବଂ ଯୁବ ବିନିମୟ କାର୍ଯ୍ୟକ୍ରମ ଏହି ସମ୍ପର୍କର ମୂଳଦୁଆ । ଜାତୀୟ ଶିକ୍ଷା ନୀତି - ୨୦୨୦ ମାଧ୍ୟମରେ ଭାରତ ବିଶ୍ୱସ୍ତରୀୟ ଶୈକ୍ଷିକ ସହଯୋଗ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସେ ପ୍ରକାଶ କରିବା ସହ ସ୍ପେନର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଭାରତରେ କ୍ୟାମ୍ପସ ଖୋଲିବା ପାଇଁ ନିମନ୍ତ୍ରଣ କରିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ଏଆଇ କେବେ ହେଲେ ମାନବିକ ନିଷ୍ପତି ବା ସୃଜନଶୀଳତାର ବିକଳ୍ପ ହେବା ଉଚିତ ନୁହେଁ, ବରଂ ଏହାକୁ ଅଧିକ ଶକ୍ତିଶାଳୀ କରିବା ଆବଶ୍ୟକ । ଭାରତ ଓ ସ୍ପେନ୍ ଦାୟିତ୍ୱବାନ ନବସୃଜନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ । ଏହି ସମ୍ମିଳନୀ କେବଳ ଆଲୋଚନା ମଧ୍ୟରେ ସୀମିତ ନ ରହି କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେବ । ଆଜି ନିର୍ମିତ ଜ୍ଞାନର ସେତୁ ଆସନ୍ତାକାଲିର ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ମତ ରଖିଛନ୍ତି । ଏହି ସମ୍ମିଳନୀରେ ସ୍ପେନର ୩୦ରୁ ଅଧିକ ବିଶ୍ୱବିଦ୍ୟାଳୟର ବରିଷ୍ଠ ଶୈକ୍ଷିକ ନେତୃତ୍ୱ ଏବଂ ଭାରତର ପ୍ରାୟ ୭୦ଟି ଉଚ୍ଚଶିକ୍ଷା ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ । ଯୁଗ୍ମ ଗବେଷଣା, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଗତିଶୀଳତା ଏବଂ ଷ୍ଟାର୍ଟଅପ୍ ସହଯୋଗ ଉପରେ ଏଥିରେ ବିସ୍ତୃତ ଆଲୋଚନା ହୋଇଥିଲା ।

## ନୟାଗଡ଼-ଜଖପୁରା ସେକ୍ସନ ନୀରିକ୍ଷଣ କଲେ ପୂର୍ବ ତଟ ରେଳପଥ ମହାପ୍ରବନ୍ଧକ

ଭୁବନେଶ୍ୱର: ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପ୍ରମୁଖ ରେଳ ସ୍ଥାପନଗୁଡ଼ିକରେ ସୁରକ୍ଷା ମାନଦଣ୍ଡ, ଭିତିଭୂମି ସ୍ଥିତି ଏବଂ କାର୍ଯ୍ୟକ୍ଷମ ଦକ୍ଷତା ସମୀକ୍ଷା କରିବା ପାଇଁ ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ନୟାଗଡ - ଜଖପୁରା ସେକ୍ସନର ଏକ ବ୍ୟାପକ ସୁରକ୍ଷା ଯାଂଚ କରିଥିଲେ । ତାଙ୍କ ସହିତ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି, ମୁଖ୍ୟାଳୟର ପ୍ରମୁଖ ବିଭାଗ ମୁଖ୍ୟ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ନିରୀକ୍ଷଣ ନୟାଗଡ ରେଳ ଷ୍ଟେସନରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ମହାପ୍ରବନ୍ଧକ ପ୍ଲାଟଫର୍ମ, ପରିଚାଳନା ବ୍ୟବସ୍ଥା ଏବଂ ଯାତ୍ରୀ ସୁବିଧା ସମେତ ଷ୍ଟେସନ ଏବଂ ୟାର୍ଡର ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ସେ ଆହୁରି ମଧ୍ୟ କ୍ରୁ ଲବି, ସ୍ୱାସ୍ଥ୍ୟ ୟୁନିଟ୍ ଏବଂ ରନିଂ ରୁମ୍, ରେଳବାଇ କଲୋନି ଏବଂ ଶିଶୁ ଉଦ୍ୟାନଏବଂ ସେକ୍ସନର ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଯଥା କେନ୍ଦୁଝରଗଡ଼, ହରିଚନ୍ଦନପୁର ରେଳ ଷ୍ଟେସନରେ ଯାତ୍ରୀ ସୁବିଧା ଓ ଅନ୍ୟାନ୍ୟ ବ୍ୟବସ୍ଥାର ମଧ୍ୟ ପୁଙ୍ଖାନୁପୁଙ୍ଖ ଯାଂଚକରିଥିଲେ । ଫ୍ରଂଟଲାଇନ୍ କର୍ମଚାରୀ ଏବଂ ଗ୍ୟାଙ୍ଗମ୍ୟାନଙ୍କ ସହିତ ଆଲୋଚନା ଏହି ନିରୀକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା, ଯେଉଁ ସମୟରେ ମହାପ୍ରବନ୍ଧକ ସେମାନଙ୍କର କାର୍ଯ୍ୟଜ୍ଞାନ, ସୁରକ୍ଷା ସଚେତନତା ଏବଂ କାର୍ଯ୍ୟକ୍ଷେତ୍ରରେ ଉପୁଜୁଥିବା ବିଭିର୍ଣ୍ଣ ଚ୍ୟାଲେଞ୍ଜ ଗୁଡିକ ଉପରେ ଖୋଲା ମତାମତ ଦେବାକୁ ଉତ୍ସାହିତ କରିଥିଲେ । ଶ୍ରୀ ଫୁଙ୍କୱାଲ କର୍ମଚାରୀ କଲ୍ୟାଣ ଏବଂ ଉନ୍ନତ ଜୀବନଯାପନ ପରିସ୍ଥିତି ପ୍ରତି ପ୍ରଶାସନର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରି ରେଳ ପରିବାରମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ । ସୁରକ୍ଷା ଯାଂଚର ଅନ୍ୟ ପ୍ରମୁଖ ଅଂଶଗୁଡ଼ିକ ଥିଲା ଲେଭଲ କ୍ରସିଂ ଗେଟ୍, ଟାୱାର ୱାଗନ ସେଡ୍, ଟ୍ରାକ୍ସନ୍ ସବ୍ ଷ୍ଟେସନ୍, ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପାମାର୍ଗ, କର୍ଭ, ଓ ସେତୁମାନଙ୍କୁ ପରିଦର୍ଶନ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ସୁରକ୍ଷା ନିୟମ ପାଳନ, ପ୍ରାଥମିକ ଢାଂଚାର ସ୍ଥିତି ଓ ରକ୍ଷାବେକ୍ଷଣ ପ୍ରସ୍ତୁତିକୁ ମୂଲ୍ୟାଙ୍କନ କରିବା ଥିଲା । ନିରୀକ୍ଷଣ ସମୟରେ, ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ? ?କରିବା, ରକ୍ଷଣାବେକ୍ଷଣ ମାନ ବୃଦ୍ଧି କରିବା ଏବଂ ନିର୍ଭରଯୋଗ୍ୟ ଏବଂ ସମୟାନୁବର୍ତୀ ଟ୍ରେନ୍ ପରିଚାଳନା ସୁନିର୍ଶ୍ଚିତ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିଥିଲେ ।

## ଟି-୨୦ ବିଶ୍ୱକପ୍ : ଭାରତକୁ ଅଡୁଆ ଅଫ୍-ସ୍ପିନ୍

ମୁମ୍ବାଇ: ଚଳିତ ଟି-୨୦ କ୍ରିକେଟ୍ର ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହି ଭାରତୀୟ ଦଳ ସୁପର-୮ରେ ପ୍ରବେଶ କରିଛି । କିନ୍ତୁ ଲିଗ୍ ? ପର୍ଯ୍ୟାୟରେ ଭାରତୀୟ ବ୍ୟାଟିଂର କେତେକ ଦୁର୍ବଳତା ପଦାରେ ପଡ଼ିଯାଇଥିଲା । ତାହା ହେଉଛି ଅଫ୍ ସ୍ପିନ୍କୁ ଖେଳିବାରେ ଭାରତୀୟ ବ୍ୟାଟ ମାନେ ସମସ୍ୟାର ସମ୍ମୁଖୀନ ହୋଇ ଥିଲେ । ସୁପର-୮ରେ ଭାରତ ଶକ୍ତିଶାଳୀ ଦଳଙ୍କ ସାମନା କରିବାକୁ ଯାଉଥିବାବେଳେ ଏହି ଦୁର୍ବଳତା ଭାରତ ପାଇଁ ଚିନ୍ତାର କାରଣ ହୋଇପାରେ ବୋଲି ଦଳର ସହକାରୀ ପ୍ରଶିକ୍ଷକ ରିୟାନ ଟେନ୍ ଡୋଏସେଟ୍ ସତର୍କ କରାଇଦେଇଛନ୍ତି । ଦଳର ଏହି ଦୁର୍ବଳତାକୁ ସ୍ୱୀକାର କରି ସେ କହିଛନ୍ତି ଯେ ଭାରତୀୟ ଦଳରେ ଅନେକ ବାମହାତୀ ବ୍ୟାଟର ଅଛନ୍ତି । ଭାରତର ପ୍ରମୁଖ ତିନିଜଣ ବ୍ୟାଟର ଅଭିଷେକ ଶର୍ମା, ଇଶାନ କିଶନ ଓ ତିଳକ ବର୍ମା ବାମହାତୀ । ସେହିପରି ଶୁଭମ ଦୁବେ, ରିଙ୍କୁ ସିଂ ଓ ଅକ୍ଷର ପଟେଲ୍ ମଧ୍ୟ ବାମହାତୀ । ଏହି କାରଣରୁ ଲିଗ୍ ପର୍ଯ୍ୟାୟର ବିପକ୍ଷ ଦଳଗୁଡ଼ିକ ଅଫ୍ ସ୍ପିନରମାନେ ଭାରତକୁ ସମସ୍ୟାରେ ପକାଇବାରେ ସଫଳ ହୋଇଥିଲେ । ଏହା ଦଳ ପାଇଁ ଏକ ଆହ୍ୱାନ ହୋଇଥିବାବେଳେ ଏହାର ତୁରନ୍ତ କୌଣସି ସମାଧାନ ନାହିଁ, ବୋଲି ସେ ସ୍ୱୀକାର କରିଛନ୍ତି । ଲିଗ୍ ପର୍ଯ୍ୟାୟରେ ୟୁଏସ୍ଏ ଓ ନେଦରଲାଣ୍ଡସ୍ ପରି ଦୁର୍ବଳ ଦଳ ବିପକ୍ଷରେ ଭାରତୀୟ ବ୍ୟାଟରମାନେ ସଂଘର୍ଷ କରୁଥିବା ଦେଖା ଯାଇଥିଲା । ଚଳିତ ବିଶ୍ୱ କପ୍ରେ ଭାରତୀୟ ବ୍ୟାଟର ମାନେ ଏପର୍ଯ୍ୟନ୍ତ ମୋଟ ୪୨ ଓଭର ସ୍ପିନ ବୋଲିଂର ସମ୍ମୁଖୀନ ହୋଇ ମୋଟ ୩୧୫ ରନ୍ କରିଛନ୍ତି । ସ୍ପିନରମାନେ ୧୫ଟି ଭାରତୀୟ ୱିକେଟ୍ ନେଇଛନ୍ତି । ସୁପର-୮ ପର୍ଯ୍ୟାୟରେ ଭାରତର ମୁକାବିଲା ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ୱେଷ୍ଟଇଣ୍ଡିଜ୍ ସହ ହେବ । ଏହି ତିନୋଟି ଦଳରେ କେତେକ ଭଲ ସ୍ପିନର ଥିବାରୁ ତାହା ଭାରତ ପାଇଁ ଏକ ସତର୍କ ଘଂଟି ହୋଇପାରେ । ତେବେ ଲୟରେ ନଥିବା ଅଭିଷେକଙ୍କ ବଦଳରେ ଡାହାଣ ହାତୀ ବ୍ୟାଟର ସଂଜୁ ସାମସନଙ୍କୁ ସାମିଲ କରାଗଲେ ଏହି ସମସ୍ୟାର କିଛିଟା ସମାଧାନ ହୋଇପାରେ ।




## ସୁପର-୮ରେ ଭାରତ ପାକିସ୍ତାନ ସାମ୍ନାସାମ୍ନି ହେବାର ସମ୍ଭାବନା !

ନୂଆଦିଲ୍ଲୀ: ଭାରତ-ପାକିସ୍ତାନ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦୀଙ୍କ ମଧ୍ୟରେ ଆରମ୍ଭ ହୋଇଥିବା 'ନୋ ହ୍ୟାଣ୍ଡସେକ୍' ନୀତି ସବୁଠି ଚର୍ଚ୍ଚାର ବିଷୟ । କ୍ରିକେଟ ଏକ ଭଦ୍ର ଲୋକଙ୍କ ଖେଳ ବୋଲି କୁହାଯାଏ । ମାତ୍ର ଏଭଳି ନୋ ହ୍ୟାଣ୍ଡସେକ୍ ପାଇଁ ବହୁ ସମାଲୋଚନା ମଧ୍ୟ କରାଯାଉଛି । ଇଂଲଣ୍ଡର ପୂର୍ବତନ କ୍ରିକେଟର ମାଇକେନ୍ ଭନଙ୍କ ପୋଡକାଷ୍ଟରେ ଆସି ଏହା ଉପରେ ନିଜର ପ୍ରତିକ୍ରିୟା ରଖିଛନ୍ତି ଆଲିଷ୍ଟର କୁକ୍ । କୁକ୍ କହିଛନ୍ତି କି, ମଇଦାନରେ ଉଭୟ ଦେଶର ଅଧିନାୟକ ଏବଂ ଖେଳାଳିମାନେ ହାତ ମିଳାଉ ନାହାନ୍ତି । କିନ୍ତୁ ପଛରେ କ'ଣ ହେଉଛି ମୁଁ ଜାଣିଛି କି, ସେମାନେ କେବଳ ଦେଖାଇବା ପାଇଁ ଏଭଳି କରୁଛନ୍ତି । କିନ୍ତୁ ପଛରେ କଥା ହେଉଛନ୍ତି । ଏହାସହ ମାଇକେଲ ଭନ୍ ଏହି ଘଟଣା ଉପରେ ଦୁଃଖ ପ୍ରକାଶ କରି କହିଛନ୍ତି ଯେ କ୍ରିକେଟ୍ ପଡ଼ିଆରେ ହାତ ନମିଳାଇବା ଦୁଃଖଦ ଘଟଣା । ତଥାପି, କୁକ୍ ଏହି ଘଟଣାକୁ ହାଲୁକା ଭାବରେ ଗ୍ରହଣ କରି କହିଛନ୍ତି ଯେ ଖେଳାଳିମାନଙ୍କ ମଧ୍ୟରେ ପ୍ରକୃତ ଶତ୍ରୁତା ନଥିଲା । ଭାରତ-ପାକିସ୍ତାନ ମ୍ୟାଚ୍ ପରେ ଏହି ବୟାନ ଏବେ ଆଲୋଚନାର ବିଷୟ ପାଲଟିଛି । କହି ରଖୁଛୁ କି, ଏସିଆ କପରୁ ଆରମ୍ଭ ହୋଇଥିବା ନୋ ହ୍ୟାଣ୍ଡସେକ୍ ନୀତି ଟି-୨୦ ବିଶ୍ୱକପରେ ମଧ୍ୟ ଦେଖିବାକୁ ମିଳିଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଭାରତ ପାକିସ୍ତାନକୁ ଦୋଷ ଦେଇଥିବାବେଳେ ତାଙ୍କ ଦେଶର ଖେଳାଳିଙ୍କ ସହ ହାତ ମିଳାଇନଥିଲେ । ଏସୀଆ କପରୁ ଆରମ୍ଭ ହୋଇଥିବା ଏହି ଲଢ଼େଇ ବିଶ୍ୱକପରେ ମଧ୍ୟ ଦେଖିବାକୁ ମିଳିଛି । ଟସ୍ ବେଳେ ସୂର୍ଯ୍ୟ କୁମାର ଯାଦବ ସଲମାନ ଅଲ୍ଲି ଆଗାଙ୍କ ସହ ହାତ ମିଳାଇନଥିଲେ । ଏହାପରେ ଭାରତ ମ୍ୟାଚ୍ ଜିତିବା ପରେ ମଧ୍ୟ ପାକିସ୍ତାନ ଖେଳାଳିଙ୍କ ସହ ହାତ ମିଶାଇନଥିଲେ । ଉଭୟ ଦଳ ସୁପର-୮ରେ ଅଲଗା ଗ୍ରୁପରେ ରହିଥିବାବେଳେ ସେମାରେ ପୁଣିଥରେ ସାମ୍ନାସାମ୍ନି ହେବାର ସମ୍ଭାବନା ରହିଛି ।




## ମହିଳା ଏସିଆ କପ ରାଇଜିଂ ଷ୍ଟାର, ଦ୍ୱିତୀୟ ଥର ଫାଇନାଲରେ ଭାରତ

ନୂଆଦିଲ୍ଲୀ: ମହିଳା ଏସିଆ କପ୍ ରାଇଜିଂ ଷ୍ଟାର ୨୦୨୬ର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଭାରତ-ଏ ଏବଂ ଶ୍ରୀଲଙ୍କା-ଏ ମଧ୍ୟରେ ଖେଳାଯାଇଥିଲା । ଭାରତ ଏହି ମ୍ୟାଚକୁ ଜିତି ଫାଇନାଲ ଟିକେଟ୍ ହାତେଇଛି । ବ୍ୟାଙ୍କକର ଟେର୍ଡଥାଇ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚରେ ଭାରତୀୟ-ଏ ଦଳ ଶ୍ରୀଲଙ୍କାକୁ ୫ ୱିକେଟରେ ପରାସ୍ତ କରି ଲଗାତାର ଦ୍ୱିତୀୟ ଫାଇନାଲରେ ଏଂଟ୍ରୀ କରିଛି । ଚମତ୍କାର ବୋଲିଂ କରିଥିବା ଅଧିନାୟକ ରାଧା ଯାଦବ ଏହି ମ୍ୟାଚରେ ଟିମ୍ ଇଣ୍ଡିଆର ବିଜୟର ହିରୋ ଥିଲେ । ସେମିଫାଇନାଲ ମ୍ୟାଚ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରିଥିଲା । ଶ୍ରୀଲଙ୍କାର 'ଏ' ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା, କିନ୍ତୁ ଭାରତୀୟ ବୋଲର ଶ୍ରୀଲଙ୍କା ବ୍ୟାଟରଙ୍କୁ ଘାଇଲା କରିଥିଲେ । ଶ୍ରୀଲଙ୍କା ଦଳ ୧୯.୪ ଓଭରରେ ମାତ୍ର ୧୧୮ ରନ୍ରେ ଅଲଆଉଟ୍ ହୋଇଯାଇଥିଲା । ସଞ୍ଜନା କାଭିଣ୍ଡି ୩୫ ବଲ୍ରେ ସର୍ବାଧିକ ୩୧ ରନ୍ କରିଥିଲେ । ଶଶିନି ଗିମହାନି ମଧ୍ୟ ୧୭ ବଲ୍ରେ ୨୨ ରନ୍ର ଦ୍ରୁତ ଇନିଂସ ଖେଳିଥିଲେ । ହଂସିମା କରୁଣାରନତ୍ ୧୪ ରନ୍ ଏବଂ ସତ୍ୟ ସାନ୍ଦିପାନି ୧୫ ରନ୍ର ପାଳି ଖେଳିଥିଲେ । ଏହି ସମୟରେ, ଭାରତୀୟ ଅଧିନାୟକ ରାଧା ଯାଦବ ମ୍ୟାଚ୍ରେ ସବୁଠାରୁ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ । ସେ ୩.୪ ଓଭରରେ ୧୯ ରନ ଦେଇ ୪ ୱିକେଟ୍ ନେଇଥିଲେ । ପ୍ରେମା ରାୱତ ୪ ଓଭରରେ ମାତ୍ର ୯ ରନ ଦେଇ ୨ ୱିକେଟ୍ ନେଇଥିଲେ । ତନୁଜା କନୱାର ମଧ୍ୟ ୨ ୱିକେଟ୍ ନେଇଥିଲେ, ଯାହା ଶ୍ରୀଲଙ୍କାକୁ ୧୨୦ ରନ ବି କରିବାକୁ ଦେଇନଥିଲା । ୧୧୮ ରନରେ ସୀମିତ ରହିଥିଲା ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**